### ଯାତ୍ରାପାର୍ଟିରେ ବ୍ୟବହୃତ ଖଣ୍ଡା ଜବତ କରି ବାହାସ୍ଫୋଟ !

# ମାରଣାସ୍ତ୍ର ବିକ୍ରି ଅଭିଯୋଗରେ ବ୍ୟବସାୟୀ ଗିରଫ

**ଜୟପୁର, ୧୧।୪ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ଏକ ଲୁଗା ଦୋକାନ ଉପରେ ଚଢ଼ଉ କରିବା ସହ ନାଟକ ଏବଂ ବେଶଭୁଷାରେ ବ୍ୟବହୃତ ପାଇଁ ବିକ୍ରି ହେଉଥିବା ଖଣ୍ଡା ଜବତ କରି ମାରଣାସ୍ତ୍ର ବିକ୍ରି କରୁଥିବା ଅଭିଯୋଗରେ ବ୍ୟବସାୟୀଙ୍କୁ ଗିରଫ କରି ବାହାସ୍ଫୋଟ ନେଇଛି; ଯାହା ଏବେ ଜୟପୁର ଅଞ୍ଚଳରେ ଚହଳ ପକାଇଛି। ସୂଚନାପ୍ରକାରେ, ଜୟପୁର ଟାଉନ୍‌ଥାନା ପୁଲିସ ଜୟପୁର ସହରର ଏକ ଲୁଗା ଦୋକାନରେ ଚଢ଼ଉ କରିଥିଲା। ବ୍ୟବସାୟୀ ଜଣକ ନାଟକ ଏବଂ ବେଷଭୁଷାରେ ବ୍ୟବହୃତ ପାଇଁ ବିକ୍ରି କରୁଥିବା ଖଣ୍ଡାକୁ ଦେଖି ପୁଲିସ ମାରଣାସ୍ତ୍ର ବିକ୍ରି କରୁଥିବା ଅଭିଯୋଗରେ ଦୋକାନ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଲୁଗା ବ୍ୟବସାୟୀ ଭିକି ସୋନି (୪୫) ବିରୋଧରେ ବେଆଇନ ମାରଣାସ୍ତ୍ର ବିକ୍ରି କରୁଥିବା ମାମଲା ରୁଜୁ କରିବା ସହ ୫୦ଟି ନାଟକରେ ବ୍ୟବହୃତ ଖଣ୍ଡା ଜବତ କରିଛି। ଦୋକାନୀଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ଏବେ ଜେଲ ହାଜତକୁ ପଠାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୌରାଣିକ ନାଟକରେ ପାଇଁ ବ୍ୟବହୃତ ଖଣ୍ଡାକୁ ଜବତ କରିବା ସହିତ ବ୍ୟବସାୟୀଙ୍କୁ ଗିରଫ କରିବା ନେଇ ପୁଲିସ ବାହାଃ ବାହାଃ ନେଉଥିବା

**● ପୁଲିସକୁ ଦୁର୍ବ୍ୟବହାର ନେଇ ମାମଲା ରୁଜୁ**

ବେଳେ ଗତ ଦୀର୍ଘ ୫୦ ବର୍ଷରୁ ଅଧିକ ଦିନ ହେଲାଣି ଉକ୍ତ ଲୁଗା ଦୋକାନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ଥାନୀୟ ଆଦିବାସୀ ନାଟକ ଏବଂ ପୌଷମାସରେ ବେଷଭୂଷା ପାଇଁ ସାମଗ୍ରୀ ବିକ୍ରି ହେଉଥିଲା। ଆଗାମୀ ଶ୍ରୀରାମ ନବମୀ ଅବସରରେ ହାତରେ କୌଣସି ମାରଣାସ୍ତ୍ର ନେଇ ପଟୁଆରରେ ଯୋଗଦେବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରୀ କରାଯାଇଥିବା ବେଳେ ନାଟକରେ ବ୍ୟବହୃତ ଖଣ୍ଡା ଜବତ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶଯେ, ଜୟପୁର ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ଏବଂ ଟାଉନଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଜୟପୁର ମୁଖ୍ୟରାସ୍ତା ରାୟବାବୁ ସାହି ଛକଠାରେ ରହିଥିବା ମହାବୀର ବସ୍ତ୍ରାଳୟ ତଥା ନାଟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ଉ ହୋଇଥିଲା। ଦୋକାନୀଙ୍କ ଉକ୍ତ ସାମଗ୍ରୀଗୁଡ଼ିକକୁ ପୁଲିସ ଜବତ କରିଥିଲା। ଉକ୍ତ ସାମଗ୍ରୀର ବିଲ୍ ରହିଥିବା ବେଳେ ବିନା ଘାତକ ଅସ୍ତ୍ରଶସ୍ତ୍ର ମଧ ଯୋଗାଣ ହେଉଥିବା ନେଇ ନିର୍ଦ୍ଦେଶ ଏବଂ ବିଲ୍ ପ୍ରଦାନ କରାଯାଇଥିଲା। ତାକୁ ଅଣଦେଖା କରାଯାଇଥିଲା ବୋଲି ଦୋକାନୀ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଜୟପୁର ଟାଉନଥାନା ଅଧିକାରୀ ଶ୍ରୀ ଦଳେଇ କହିଛନ୍ତି ଯେ ଜବତ ଖଣ୍ଡାଗୁଡ଼ିକ ଲୁହାରେ ନିର୍ମିତ ହୋଇଥିବା ବେଳେ ଦୋକାନୀ କାର୍ଯ୍ୟରତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଯୋଗୁଁ ତାଙ୍କୁ ଗିରଫ କରାଯାଇଛି।

**● ଅସ୍ତ୍ରଶସ୍ତ୍ର ନିରୋଧ ଆଇନରେ ଗିରଫକୁ ନେଇ ଚାମ୍ବର ଅଫ୍ କମର୍ସର ଅସନ୍ତୋଷ**

# ଏସ୍‌ପିଙ୍କୁ ଭେଟିଲେ ବ୍ୟବସାୟୀ ପ୍ରତିନିଧି ଦଳ

**ଜୟପୁର,୧୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଲୁଗା ଦୋକାନ ଉପରେ ପୁଲିସ ଚଢ଼ଉ କରିବା ସହିତ ନାଟକରେ ବ୍ୟବହୃତ ଖଣ୍ଡା ଜବତ ଏବଂ ଉକ୍ତ ଦୋକାନର ମାଲିକଙ୍କୁ ଅସ୍ତ୍ରଶସ୍ତ୍ର ନିରୋଧ ଆଇନରେ ଗିରଫ କରିବାକୁ ନେଇ ଜୟପୁର ବ୍ୟବସାୟୀଙ୍କୁ ନେଇ ଗଠିତ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଚାମ୍ବର ଅଫ୍ କମର୍ସ ସଂଘର ଏକ ବୈଠକ ଅନୁଷ୍ଠିତ ହେବା ପରେ ଏକ ୫ ଜଣିଆ ପ୍ରତିନିଧି ଦଳ କୋରାପୁଟଠାରେ ଜିଲ୍ଲା ଏସପି ଅଭିନବ ସୋନକାରଙ୍କୁ ସାକ୍ଷାତ କରିଥିଲେ। ଗିରଫ ଲୁଗା ଦୋକାନୀ ନାଟକ ପାଇଁ ବ୍ୟବହୃତ ପୋଷାକ, ସାଜସଜ୍ଜା ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ସାମଗ୍ରୀଗୁଡ଼ିକ ଗତ ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେଲାଣି ତାଙ୍କ ପୂର୍ବପୁରୁଷଙ୍କ ସମୟରୁ ବିକ୍ରୟ କରିଆସୁଛନ୍ତି। ଉକ୍ତ ବ୍ୟବସାୟୀ କୌଣସି ଅପରାଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ନ ଥିବା ନେଇ ଏସପିଙ୍କୁ ସାକ୍ଷାତ ବେଳେ କହିଥିଲେ। ଉକ୍ତ ଅସ୍ତ୍ରଶସ୍ତ୍ର ସାମଗ୍ରୀରେ ଧାରୁଆ କିମ୍ବା ଶକ୍ତ ନ ଥିବା ଯୋଗୁଁ କୌଣସି ଆକ୍ରମଣରେ ବ୍ୟବହୃତ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। କିନ୍ତୁ ପୁଲିସ ଥାନାରେ ମାମଲା ରୁଜୁ ହୋଇଥିବା ଯୋଗୁଁ ବର୍ତ୍ତମାନ ତାହା କୋର୍ଟରେ ବିଚାରାଧୀନ ରହିଛି। ତେଣୁ ଏନେଇ କୋର୍ଟ ହିଁ ନିଷ୍ପତ୍ତି ଗ୍ରହଣ କରିପାରିବ ବୋଲି ଏସପି ଶ୍ରୀ ସୋନକାର ଆଲୋଚନା ବେଳେ ସ୍ପଷ୍ଟ କରିଥିଲେ। ଏହି ପ୍ରତିନିଧି ଦଳରେ ସଂଘର ସଭାପତି ଭି. ପ୍ରଭାକର, ସମ୍ପାଦକ ଡି. ମାଧବ, କୋଷାଧ୍ୟକ୍ଷ ମାଙ୍ଗିଲାଲ ସାହା, ସଦସ୍ୟ ସଞ୍ଜୟ କୁମାର ଜୈନ, ରମେଶ ଜୈନ ପ୍ରମୁଖ ସାକ୍ଷାତ କରିଥିଲେ।

**■ ଭୋଟର ସଚେତନତା କାର୍ଯ୍ୟକ୍ରମ**

# ଝୋଟି ପ୍ରତିଯୋଗିତା ଓ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା




**କୋରାପୁଟ,୧୧।୪(ସମିସ):** କୋରାପୁଟ ଜିଲ୍ଲାରେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟହାର ବୃଦ୍ଧି ଏବଂ ନୂତନ ଭୋଟରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଝୋଟି ପ୍ରତିଯୋଗିତା ଓ ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରାଯାଇଥିଲା। କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, କୋରାପୁଟ ପୌର ପରିଷଦର ସିଏମ୍‌ଏମ୍ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ ଜଗବନ୍ଧୁ ସାମଲ, ପିସି ମହାପାତ୍ର, ନାରାୟଣ ପଣ୍ଡା, ଜଳଧର ସ୍ୱାଇଁଙ୍କ ସମେତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ପରିଷଦର ଅଧିକାରୀ ହିମାଂଶୁ ଶତପଥି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ଧୁକ ସହ ଯୁବକ ଗିରଫ

**■ ଦୁଇ ଅଫୁଟା ଗୁଳି ଜବତ**



**ନନ୍ଦପୁର, ୧୧।୪(ସମିସ):** ବେଆଇନ୍ ବନ୍ଧୁକ ରଖିବା ଅଭିଯୋଗରେ ଜଗେନ୍ଦ୍ର ଖେମୁଣ୍ଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନନ୍ଦପୁର ପୁଲିସ। ଏକ ସାମ୍ବାଦିକ ସମ୍ମିଳନୀରେ ନନ୍ଦପୁର ଏସ୍‌ଡିପିଓ ସମ୍ବିତ ମାଝୀଙ୍କ ସୂଚନା ଅନୁସାରେ, ନନ୍ଦପୁର ପୁଲିସ ଏସ୍‌ଆଇ ବେଦବର ସାହୁ ଏକ ପୁଲିସ୍ ଦଳ ନେଇ ପାଟ୍ରୋଲିଂ କରୁଥିବା ସମୟରେ ହିକିମ୍ପୁଟ ଗ୍ରାମରେ ଚଢ଼ଉ କରିଥିଲେ। ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଗାଁର ଜଗେନ୍ଦ୍ର ଖେମୁଣ୍ଡୁଙ୍କୁ ଗିରଫ କରିବା ସହ ଘରେ ଥିବା ଦୁଇଟି ଜୀବନ୍ତ ଗୁଳି ଓ ବନ୍ଧୁକକୁ ଜବତ କରାଯାଇଛି। ଯାଞ୍ଚ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତବେଳେ ଜଣେ କାର୍ଯ୍ୟରତ ମହିଳା ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ନନ୍ଦପୁର ପୁଲିସ। ଯୋଗେନ୍ଦ୍ର ପାଖରେ ଜବତ ବନ୍ଧୁକର ଯାଞ୍ଚ କରାଯିବ ବୋଲି କହିଛନ୍ତି ଏସ୍‌ଡିପିଓ କହିଛନ୍ତି।

### ଅବକାରୀ ପୁଲିସର ଯାଞ୍ଚ

# ଦୁଇଟି ଗାଡ଼ିରୁ ୪୦ କ୍ୱିଣ୍ଟାଲ ମହୁଲ ଜବତ; ୪ ଗିରଫ



**ରାୟଗଡ଼ା, ୧୧।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳସାମନ୍ତଙ୍କ ତତ୍ତ୍ୱାବଧାନରେ ଧରପଗଡ଼ କରାଯାଉଛି। ଏହିକ୍ରମରେ ଚାନ୍ଦିଲି ଥାନା ଅନ୍ତର୍ଗତ ଭେଜା ଗ୍ରାମ ନିକଟରେ କୁମୁତଲପେଟା-କଲ୍ୟାଣିସିଂହପୁର ୪୫ ନମ୍ବର ରାଜ୍ୟ ରାଜପଥରେ ରାୟଗଡ଼ା ସଦର ଅବକାରୀ ରେଞ୍ଜ ନିରୀକ୍ଷକ ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ବିପୁଳ ପରିମାଣରେ ବେଆଇନ ମହୁଲ ଜବତ କରାଯାଇଛି। ଚୋରା ଚାଲାଣରେ ବ୍ୟବହୃତ ବଲେରୋ ମ୍ୟାକ୍ସ ପିକଅପ୍ ଓ ମିନି ଟ୍ରକ୍‌ରୁ ୪୦ କ୍ୱିଣ୍ଟାଲ ମହୁଲ ଜବତ କରାଯିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲାର ତୁର୍କେଲ ଗ୍ରାମର ରୁଦ୍ରପ୍ରସାଦ ସା, ସାପସିଲେଟ୍ ଗ୍ରାମର ସୁରେଶ ଚିନ୍ଦା, ଭୁବନେ ଗହୀର ଓ ଦୁଷ୍ମନ୍ତ ଜୁଆଡ୍। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଅଞ୍ଚଳରୁ ଏହି ମହୁଲଗୁଡ଼ିକ କଳାହାଣ୍ଡି ଜିଲ୍ଲାର ସାପସିଲେଟ୍ ଅଞ୍ଚଳକୁ ବେଆଇନ ଭାବେ ଚାଲାଣ ହୋଇଥାନ୍ତା। ଜବତ ମହୁଲର ଆନୁମାନିକ ବଜାର ମୂଲ୍ୟ ଦେଢ଼ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ମଧ୍ୟରେ ହେବ।

ପ୍ରକାଶ ଥାଉକି, ଜିଲ୍ଲାର ୭ଟି ଅବକାରୀ ଥାନାଞ୍ଚଳରେ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ନିଶାଦ୍ରବ୍ୟ ସହ ପ୍ରସ୍ତୁତ ହେବା ମଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପ୍ରୟାସ ଜାରି ରହିଛି। ଏହିକ୍ରମରେ ଯାଞ୍ଚ ପ୍ରକ୍ରିୟାକୁ ମଧ କଡ଼ାକଡ଼ି କରାଯାଇଛି। ଏହି ଯାଞ୍ଚ ଟିମ୍‌ରେ ସଦର ରେଞ୍ଜ ନିରୀକ୍ଷକ ଶ୍ରୀ ଦାସଙ୍କ ସମେତ ସଦର ଅବକାରୀ ଥାନା ଓଆଇସି ସଞ୍ଜୟ ପ୍ରଧାନ, ଏଏସଆଇ ରାଶି ନାୟକ, ସଂଗ୍ରାମ ପ୍ରଧାନ, କନେଷ୍ଟବଳ ପାଲକା ଆପାୟା, ଜି.ଧର୍ମାରାଓ, ଅମର ଦଳେଇ, କିଶୋର ବିଡିକା, ମେଲକା କୁମାରୀ ପ୍ରମୁଖ ସାମିଲ ଥିଲେ। ଚଳିତ ଏପ୍ରିଲ ୧ରୁ ୧୦ ତାରିଖ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାରୁ ୨୦୬୦ଲିଟର ଦେଶୀ ଓ ବିଦେଶୀ ମଦ, ୧୫୦୦୫ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ୧୦୨ କେଜି ଗଞ୍ଜେଇ ସହ ଗୋଟିଏ ଅଟୋରିକ୍ସା, ୨ଟି ଦୁଇଚକିଆ ବାଇକ ଜବତ କରାଯାଇଛି। ୩୬ଟି ମାମଲାରେ ୩୪ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସପି ଗୁପ୍ତେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

# ନାଗାବଳୀ ବ୍ରିଜ୍‌ରେ ଝୁଲନ୍ତା ଶବ: ଜିଆର୍‌ପି ପୁଲିସ ଦ୍ୱାରା ଉଦ୍ଧାର

**ରାୟଗଡ଼ା, ୧୧।୪(ସମିସ):** ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଦ୍ୱାରା ଗୁରୁବାର ସକାଳେ ସିଙ୍ଗାପୁର ରୋଡ-ଥେରୁବାଲି ରେଳ ଷ୍ଟେସନ ମଧ୍ୟରେ ନାଗାବଳୀ ନଦୀ ଉପରେ ଥିବା ବ୍ରିଜ ମଝିରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ଶବଗୃହରେ ରଖାଯିବା ପରେ ଯଦି କୌଣସି ପରିବାର ସଦସ୍ୟ ତଥା ସମ୍ପର୍କୀୟ ନ ଆସନ୍ତି ତାହା ହେଲେ ପୁଲିସ ପକ୍ଷରୁ ଅନ୍ତିମ ସଂସ୍କାର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ମାଣିକଚନ୍ଦ୍ର ଗଉଡ ପ୍ରକାଶ କରିଛନ୍ତି। ତେବେ ମୃତଦେହ ନିକଟରୁ ଏକ ମୋବାଇଲ ଏବଂ ଆଧାର କାର୍ଡ ମିଳିଥିଲେ ସୁଦ୍ଧା ମୋବାଇଲଟି ସୁଇଚ ଅଫ୍ ଥିବା ବେଳେ ତାହାର ସିମ୍ ଅନ୍ୟ ଏକ ମୋବାଇଲରେ ପକାଯାଇ ଏକଟିଭ କରାଯାଇଛି; ତଥାପି କେହି ହେଲେ ଉକ୍ତ ନମ୍ବରରେ ଏଯାବତ୍ ଫୋନ୍ କରି ନ ଥିବା ଜଣାପଡ଼ିଛି। ସେହିପରି ମିଳିଥିବା ଆଧାର କାର୍ଡରେ ଅରବିନ୍ କୁମାର ନାମ ଉଲ୍ଲେଖ ଥିବା ବେଳେ ବିହାର ରାଜ୍ୟର ବାଲାଟ, ମଧୁବନି, ରାଧୋପୁର, ଥାନା ରାଜନଗର ଏବଂ ପିତାଙ୍କ ନାମ ଯୋଗେନ୍ଦ୍ର ରାମ ବୋଲି ଉଲ୍ଲେଖ ରହିଛି। ସେହିପରି ଆଧାର କାର୍ଡରେ ଥିବା ବୟସକୁ ଅନୁମାନ କଲେ ୧୫ବର୍ଷର ବାଳକଟିଏ ବୋଲି ଜଣାପଡୁଛି। ସକାଳେ ରେଳବାଇ କର୍ମଚାରୀ ଲୋକ ପାଇଲଟ୍ ଦୀପକ କୁମାର କିଲୋମଟିର ୩୨୬/୩-୫ ଅପ୍ ଲାଇନ ଥେରୁବାଲି 'ବି'କେବିନ ନିକଟସ୍ଥ ନାଗାବଳୀ ନଦୀ ଉପରେ ଥିବା ମଝି ବିଜ୍ରର ଗ୍ରୀଡର ତଳେ ଏକ ଯୁବକର ମୃତଦେହ ଝୁଲନ୍ତା ଅବସ୍ଥାରେ ପଡ଼ିଥିବା ଦେଖି ଥେରୁବାଲି ଷ୍ଟେସନ ମାଷ୍ଟର ସୁବୋଧ କୁମାରଙ୍କୁ ସୂଚନା ଦେଇଥିଲେ। ଷ୍ଟେସନ ମାଷ୍ଟର ରାୟଗଡ଼ା ଜିଆରପିଏସ ଡିଏସପି ନିରଞ୍ଜନ ପାଢ଼ୀଙ୍କୁ ଜଣାଇବା ପରେ ଶ୍ରୀ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ମାଣିକଚନ୍ଦ୍ର ଗଉଡ ତଦନ୍ତ କରି ଶବକୁ ଉଦ୍ଧାର କରିଥିବା ବେଳେ ଏଥିରେ ଏଏସଆଇ ଏ.ଲାକ୍ରା ସହଯୋଗ କରିଥିଲେ। ଯାତ୍ରୀବାହୀ ରେଳରେ ଯାତ୍ରା କରୁଥିବା ସମୟରେ ଅସାବଧାନତା ହେତୁ ଯୁବକଟି ଟ୍ରେନରୁ ଖସି ପଡ଼ିଯାଇଥିବା ପୁଲିସ ଅନୁମାନ କରିଛି। ରାୟଗଡ଼ା ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ବିଜେଡିରେ ଯୋଗଦେଲେ ମାଝୀଧନୁଆ ପଞ୍ଚାୟତର ୩୯ ପରିବାର



**କୋଷାଗୁମୁଡ଼ା,୧୧।୪(ସମିସ):** ଗୁରୁବାର ଡାବୁଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଷାଗୁମୁଡ଼ା ବ୍ଲକର ମାଝୀଧନୁଆ ପଞ୍ଚାୟତର ପିକଡଧନୁଆରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ଓ ବିଜେପି ଦଳ ଛାଡ଼ି ପ୍ରାୟ ୩୯ଟି ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନତିମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଜ୍ୟସଭା ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେଡି ଉପସଭାପତି ବଦ୍ରିନାରାୟଣ ସିଂଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ସମସ୍ତ ପରିବାର ଲୋକଙ୍କୁ ବିଧାୟକ ଶ୍ରୀ ରନ୍ଧାରୀ ପୁଷ୍ପମାଲ୍ୟ ଏବଂ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଦେଶୀ ରନ୍ଧାମଦ ଜବତ; ୩ ଗିରଫ

**ନନ୍ଦପୁର,୧୧।୪(ସମିସ):** ନନ୍ଦପୁର ଉପଖଣ୍ଡ ଅବକାରୀ ବିଭାଗର ଏକ ଦଳ ଗୁରୁବାର ମାଛକୁଣ୍ଡ ଥାନା ଅନ୍ତର୍ଗତ ଧରପଗଡ଼ ଜାରି ରଖି ଦେଶୀ ରନ୍ଧା ମଦ ୧୯ ଲିଟର ଓ ଭାଟି ମଦ ୪୬ ଲିଟର ସହ ତିନି ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ବାଦିଗଡ଼ ଗ୍ରାମର ଦେବ ଖରା, ଡଲିଗୁଡ଼ା ଗ୍ରାମର ଉପେନ୍ଦ୍ର ଖରା, ତୁସୁବା ଗ୍ରାମର ଡାଲମା ସୀସା। ନନ୍ଦପୁର ଅବକାରୀ ବିଭାଗ ରେଞ୍ଜର ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଓଆଇସି ଅଭୟ କୁମାର ନାୟକ, ଏସ୍‌ଆଇ ରାମ ବଡ଼ନାୟକ, କନଷ୍ଟେବଳ ଦେବେନ୍ଦ୍ର ଖରା, ଗୀତାଞ୍ଜଳି ଦଳପତି, ଜ୍ଞାନ ରଞ୍ଜନ ଦୀକ୍ଷିତ, ଗଙ୍ଗା ଶଙ୍କର, ଦାମନ ସୁମନ ପ୍ରମୁଖ ସକାଳେ ମାଛକୁଣ୍ଡ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୯ ଲିଟର ଦେଶୀ ମଦ ଓ ଭାଟି ମଦ ୪୬ ଲିଟର ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଟିକିରି, ୧୧।୪(ସମିସ):** କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ସଦର ଗ୍ରାମର ଜଣେ ଧର୍ମପରାୟଣ ବ୍ୟକ୍ତି ତଥା ବିଜୁ ଜନତା ଦଳର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଦୟାନିଧି ଖସଲାଙ୍କର ଗୁରୁବାର ଅପରାହ୍ନରେ ବ୍ରହ୍ମପୁର ଏମକେସିଜିରେ ମୃତ୍ୟୁ ଘଟିଛି। ଦୁଇଦିନ ତଳେ ଦେହ ଅସୁସ୍ଥ ହେବାରୁ ପ୍ରଥମେ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ବିୟୋଗ ଘଟିଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ୍ୟୁ ବେଳକୁ ପାଖରେ ତାଙ୍କ ଭାଇ, ଦୁଇପୁଅ, ପୁତୁରା ଓ ଜ୍ୱାଇଁ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ।

## ବ୍ୟାଟେରୀ ଚୋରକୁ ପୁଲିସ ଜିମାଦେଲେ ଗ୍ରାମବାସୀ

**କଲ୍ୟାଣସିଂହପୁର, ୧୧।୪(ସମିସ):** ରାୟଗଡ଼ା ଜିଲ୍ଲାର କୋଲନରା ବ୍ଲକ ଅନ୍ତର୍ଗତ ରିବଲକଣା ଗ୍ରାମରେ ଜଣେ ବ୍ୟାଟେରୀ ଚୋରକୁ କାବୁକରି ଚାନ୍ଦିଲି ପୁଲିସକୁ ହସ୍ତାନ୍ତର କରାଯାଇଛି। କିଛି ଦିନ ଧରି କଲ୍ୟାଣସିଂହପୁର, ସିକରପାଇ, ରିବଲକଣା ଲାକ୍ଷ୍ମୀପୁର ଅଞ୍ଚଳରେ ଶହେରୁ ଅଧିକ ଟ୍ରାକ୍ଟର ବ୍ୟାଟେରି ଚୋରି ହୋଇଥିଲା। ଦୁଇଦିନ ପୂର୍ବେ ରିବଲକଣାରେ ଚୋର ଟ୍ରାକ୍ଟର ବ୍ୟାଟେରୀ ସହ ଏକ ମୋବାଇଲ ଚୋରିକରି ନେଇଥିଲା। ମୋବାଇଲକୁ କଲ୍ କରୁଥିବା ସମୟରେ ରିବଲ କଣା ଛକରେ ଜଣକ ନିକଟରେ ରିଙ୍ଗ ବାଜିଥିବାରୁ ଲୋକେ ସନ୍ଦେହରେ ଉକ୍ତ ବ୍ୟକ୍ତିକୁ ଧରି ପଚରାଉଚରା କରିବାରୁ ସମସ୍ତ କଥା ଓଗାଳିଥିଲା। କିଛି ଲୋକ ପାଟିତୁଣ୍ଡ କରିବାରୁ ଅନ୍ୟମାନେ ଚାନ୍ଦିଲି ପୁଲିସକୁ ଖବର ଦେଇଥିବା ବେଳେ ଉକ୍ତ ଚୋର ଜଣକ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ପଲିଗାଁର ରାଜୁ ଗରଡ଼ିଆ ବୋଲି ଜଣାପଡ଼ିଛି।

## ଯାନବାହନ ଯାଞ୍ଚ, ୪ ବାଇକ୍ ଜବତ

**ସୁନାବେଡ଼ା, ୧୧।୪(ସମିସ):** ସୁନାବେଡ଼ା ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ ବେଳେ ଭୁଲ ସାଇଲେନ୍ସର୍, ନମ୍ବର ପ୍ଲେଟ ଏବଂ ଅତିରିକ୍ତ ସାଉଣ୍ଡ ସିଷ୍ଟମ୍ ଥିବା ୪ଟି ବାଇକ୍‌କୁ ଜବତ କରାଯାଇଛି। ଏନେଇ ବାଇକ୍‌ର ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଏସ୍‌ଆଇ ବିନ୍ମୟ ପାତ୍ର, ଏଏସ୍‌ଆଇ ବାଳକୃଷ୍ଣ ରଥ, ଏଏସ୍‌ଆଇ ଜ୍ୟୋସ୍ନାରାଣୀ ମିଶ୍ର, ଏଏସ୍‌ଆଇ ଉଷାରାଣୀ ବେହେରା ପ୍ରମୁଖ ଯାଞ୍ଚରେ ସାମିଲ ହୋଇଥିଲେ।

# କଲ୍‌ଭର୍ଟ ମଝିରେ ଗର୍ତ୍ତ; ହେଉନି ମରାମତି



**ତେନ୍ତୁଳିଖୁଣ୍ଟି,୧୧।୪(ସମିସ):** ତେନ୍ତୁଳିଖୁଣ୍ଟି ସଦର ମହାକୁମାର ମୁଖ୍ୟ ୫ ନମ୍ବର ୱାର୍ଡ ମୁଖ୍ୟରାସ୍ତାର ପୁରୁଣା ପୋଷ୍ଟ ଅଫିସ ନିକଟରେ ଥିବା କଲଭର୍ଟ ମଝିରେ ଗର୍ତ୍ତ ସୃଷ୍ଟି ହୋଇଛି। ବହୁ ମାସ ପୂର୍ବରୁ ଏହି ଗର୍ତ୍ତ ହୋଇଥିବାବେଳେ କଲଭର୍ଟ ଉପରେ ପଡ଼ିଥିବା ଛାତ ଫାଟି ରଡ଼ ଦେଖାଗଲାଣି। ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଗର୍ତ୍ତ ନିକଟରେ ଏକ ପଥର ରଖି ସଙ୍କେତ ଦିଆଯାଇଥିଲେ ହେଁ ମରାମତି ପାଇଁ କୌଣସି ସ୍ତରରୁ ଆଗ୍ରହ ପ୍ରକାଶ କରା ନ ଯିବା ପରିତାପର ବିଷୟ ବୋଲି ଆଲୋଚନା ହେଉଛି। କଲଭର୍ଟ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଗୁଁ ଭାରୀଯାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି ଏଠାରେ ବାଇକ ଆରହୀମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଉକ୍ତ ରାସ୍ତା ଉପରେ ଦୁଇ ୱାର୍ଡ ବାସିନ୍ଦା ନିର୍ଭର କରୁଥିବାବେଳେ ଦୀର୍ଘଦିନ ହେଲା ମରାମତି ନ ହେବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କିଛିଦିନ ପରେ ତେନ୍ତୁଳିଖୁଣ୍ଟି ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଓ ମା' ତାରିଣୀଙ୍କ ଚୈତ୍ର ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ରାସ୍ତାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଚଳପ୍ରଚଳ ହେବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ କଲଭର୍ଟ ମରାମତି କରିବା ପାଇଁ ୱାର୍ଡ ବାସିନ୍ଦା ଦାବି କରିଛନ୍ତି।

# ଜଳୁଛି ସୁନାବେଡ଼ା ଜଙ୍ଗଲ; ବନ ବିଭାଗର ନିଘା ନାହିଁ

**ସୁନାବେଡ଼ା,୧୧।୪(ସମିସ)**

କୋରାପୁଟ ଜିଲ୍ଲାର ସୁନାବେଡ଼ା ହାଲ୍ ସହରାଞ୍ଚଳ ଭିତରେ ଥିବା ଭାଲୁପାହାଡ଼, ବସଷ୍ଟାଣ୍ଡ ପାଖ ଜଙ୍ଗଲ, ହରିଣ ପାର୍କ ପାଖରେ ଥିବା ଜଙ୍ଗଲ, ଆର୍ ଜୋନ ପାହାଡ଼, ଅଫିସର କ୍ଲବ୍ ପାଖ ଜଙ୍ଗଲ ଜଳୁଥିବାବେଳେ ବନ ବିଭାଗର କିନ୍ତୁ ଏଥିପ୍ରତି ନିଘାନାହିଁ। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ଲେଖାହେବା ସୁଦ୍ଧା ଉକ୍ତ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ। ତେବେ ଜଙ୍ଗଲରେ ନିଆଁ ବ୍ୟାପି ଜଙ୍ଗଲର ମୂଲ୍ୟବାନ ଗଛ ସବୁ ନଷ୍ଟ ହେଉଥିବା ବେଳେ ସୁନାବେଡ଼ା ଓ ହାଲ୍ ସହରାଞ୍ଚଳରେ ଅବାଧ ଗଛ କଟା ଚାଲିଥିବା ଅଭିଯୋଗ ହୋଇଛି। ଗୁରୁବାର



ହାଲ୍ ସହର ଭିତରେ ଥିବା ବସଷ୍ଟାଣ୍ଡ ପାଖ ଜଙ୍ଗଲରେ ମଧ ନିଆଁ ଜଳୁଥିବା ଦେଖିବାକୁ ମିଳିଛି। ସମ୍ପୂର୍ଣ୍ଣ ସୁନାବେଡ଼ା ସହରରେ ଆଗକୁ ଆସୁଥିବା ପ୍ରବଳ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ହାଲର କୌଣସି କାର୍ଯ୍ୟକ୍ରମ ଥିବା ଜଣାପଡ଼ିନାହିଁ। ପୂର୍ବରୁ ଗ୍ରୀଷ୍ମ ଦିନ ଅନ୍ୟ ସହର ଅପେକ୍ଷା ସୁନାବେଡ଼ାରେ କମ୍ ଗରମ ଅନୁଭୂତ ହେଉଥିଲା। ଏହାବ୍ୟତୀତ ଏଠାରେ ପ୍ରଦୂଷଣ ମାତ୍ରା ମଧ କମ୍। ବୁଦ୍ଧିଜୀବୀମାନେ ସୁନାବେଡ଼ାକୁ ଓଡ଼ିଶାର ଶିମଳା ବୋଲି ଆଖ୍ୟା ଦେଇଛନ୍ତି। କିନ୍ତୁ ସମ୍ପ୍ରତି ବିପରୀତ ସ୍ଥିତି ଦେଖିବାକୁ ମିଳିଛି। ପରିସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଗୁରୁତ୍ୱ ଦେଇ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଜିଲ୍ଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କ ସହ ଚନ୍ଦ୍ରପୁର ନେତୃବୃନ୍ଦଙ୍କ ଆଲୋଚନା

# ବିଜେଡିକୁ ଜିତେଇବା ପାଇଁ ମିଳିମିଶି କାମ କରିବାକୁ ପରାମର୍ଶ

**ରାୟଗଡ଼ା,୧୧।୪(ସମିସ)**

ଆଗାମୀ ସାଧାରଣ ନିର୍ବାଚନରେ ଗୁଣୁପୁର ବିଧାନସଭା ଆସନ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଏବଂ କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟଲାଭ କରାଇବା ପାଇଁ କିଭଳି ରଣନୀତି ପ୍ରସ୍ତୁତ କରାଯିବ ସେ ନେଇ ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ରାଜ୍ୟ ବିଜେଡି ଉପସଭାପତି ଏନ.ଭାସ୍କର ରାଓଙ୍କ ସହ ଚନ୍ଦ୍ରପୁର ବ୍ଲକ୍ ବିଜେଡି ନେତୃବୃନ୍ଦ ଶ୍ରୀ ରାଓଙ୍କ ବାସଭବନରେ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତି ଦାୟିତ୍ୱ ପାଇବା ପରେ ଭାସ୍କର ରାଓ ଜିଲ୍ଲାର ରାୟଗଡ଼ା ଓ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଜେଡି ଟିକଟ ପାଇଥିବା ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ଜିତେଇବା ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ତାଙ୍କ ଗୋଟିଚାଳନାରେ ନିଶ୍ଚିତ ଭାବେ ପ୍ରାର୍ଥୀମାନେ ବିଜୟଲାଭ କରିବେ ବୋଲି ସମସ୍ତେ ଜାଣିଛନ୍ତି। ଯାହାକୁ ନେଇ ଏବେଠାରୁ ବିରୋଧୀ ଦଳର ପ୍ରାର୍ଥୀମାନଙ୍କ ମଧ୍ୟରେ ଛନକା ପଶିଯାଇଛି। ଚନ୍ଦ୍ରପୁର ବ୍ଲକ୍ ବିଜେଡି ନେତୃବୃନ୍ଦ ନିଜ ବ୍ଲକର ବୁଥସ୍ତରରେ ଥିବା ସାଂଗଠନିକ ସ୍ଥିତି ସମ୍ପର୍କରେ ଭାସ୍କର ରାଓଙ୍କୁ ଅବଗତ କରାଇଥିବାବେଳେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୪ ବର୍ଷ ଶାସନ କାଳରେ ହୋଇଥିବା ବିକାଶର ବାର୍ତ୍ତାକୁ ବୁଥସ୍ତରରେ ପହଞ୍ଚାଇ ନବୀନଙ୍କ ହାତମୁଠାକୁ ଟାଣ କରିବାକୁ ହେଲେ ପୁଣି ଥରେ ବିଜେଡିର ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ ଏବଂ ସମସ୍ତେ ମିଳିମିଶି ଏକଜୁଟ୍ ହୋଇ କାମ କରିବାକୁ ଶ୍ରୀ ରାଓ ପରାମର୍ଶ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ଭୋଟର ଭାଇଭଉଣୀମାନେ ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କୁ ନିଜ ବିଧାୟକ ଭାବେ ଜୟଯୁକ୍ତ କରିଥିବାବେଳେ ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ସେମାନଙ୍କ ଆଶୀର୍ବାଦ ରହିବ ବୋଲି ଶ୍ରୀ ରାଓ ଆଶା ପ୍ରକଟ କରିଛନ୍ତି। ଏହି ଆଲୋଚନା ବୈଠକରେ ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷ କଇନ କିମ୍ବାକା, ସନ୍ୟାସୀ ଦିବାକା, ଟଙ୍ଗଡି ଦିବାକା, ରଣେଶ୍ୱର ବ୍ରେକବାଡା, ପ୍ରଭାକର ପାତ୍ର, ବାସୁ ବ୍ରେକବାଡାଙ୍କ ସମେତ ବ୍ଲକର ୮ଟି ପଞ୍ଚାୟତର ବିଜେଡି ସମର୍ଥିତ ଜନପ୍ରତିନିଧି, ବରିଷ୍ଠ ନେତା ଓ କର୍ମୀଙ୍କ ସହ ସମର୍ଥକମାନେ ଉପସ୍ଥିତ ଥିଲେ।



## ପଦ୍ମପୁରରେ ଜିଲ୍ଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୧୧।୪(ସମିସ):** ରାୟଗଡ଼ ଜିଲ୍ଲା ପଦ୍ମପୁରଠାରେ ବିଜେଡି ଜିଲ୍ଲା ସଭାପତି ଏନ୍ ଭାସ୍କର ରାଓଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଥମ କରି ନୂତନ ଭାବେ ରାୟଗଡ଼ା ଜିଲ୍ଲାର ବିଜେଡି ସଭାପତି ପଦ ପାଇବା ପରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ଗୁଣୁପୁରଠାରେ କାର୍ଯ୍ୟକ୍ରମ ସାରି ଅପରାହ୍ଣ ସମୟରେ ପଦ୍ମପୁର ସୁନାରିଘାଇ ଛକ ନିକଟରେ ପହଞ୍ଚିବା ପରେ ବହୁ ସମର୍ଥକ ତାଙ୍କୁ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ଖିଲାମଣ୍ଡା ଠାକୁରାଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପାଖରେ ଏକ ଦଳୀୟ ବୈଠକରେ କର୍ମୀ ଓ ନେତୃବୃନ୍ଦଙ୍କ ଆଗାମୀ ନିର୍ବାଚନରେ କିଭଳି ଦଳ ଉଭୟ ବିଧାନସଭା ଓ ଲୋକସଭା ଆସନ ବିଜେଡି ଦଖଲ କରିବ ସେନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଦଳରେ କୌଣସି ମନୋମାଳିନ୍ୟ ନ ରଖି ମୋ ନେତା ନବୀନ ପଟ୍ଟନାୟକ ଓ ମୋ ଦଳ ଶଙ୍ଖ ଚିହ୍ନ ଏହି ନାରାଦେଇ ନିଜ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ଜନମାନସରେ ଦୋହରାଇ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜିତାଇବା ପାଇଁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ପୁରୁଖା ନେତା ରାଧା ଗୋବିନ୍ଦ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଦୁର୍ଗା ସାହୁ, ପୂର୍ବତନ ଜିଲ୍ଲା ପରିଷଦ କୋଲନରାର ବି.ତ୍ରିପତି ରାଓ, ଜି.ଶ୍ରୀନିବାସ ରାଓ, ଜି.ଗଣେଶ, କାଶୀନାଥ ବଳିଆରସିଂ, ଗୁଡ଼ାରୀ ଜିଲ୍ଲା ପରିଷଦ ସଭ୍ୟ ପତିକ୍ରସ୍କା, ଅନନ୍ତ ଶବର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୈଳାସ କ୍ରାସ୍କା, ଗୁଡ଼ିଆବନ୍ଧ ସମିତିସଭ୍ୟ ଗୋଦାବରୀ ରାଉତ, ରଘୁନନ୍ଦନ ନାୟକ, ବ୍ରଜ ସୁନ୍ଦର ପାଣିଗ୍ରାହୀ, ମହେଶ ନାୟକ, ରାମ ଦାଶ, ବାଲାଜୀ ପାଢ଼ୀ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ସରୋଜ ଦାଶ, ଚିତ୍ତ ରଣା, ଆଦିବାସୀ ବିଜେଡି ନେତା ବିଜୟ ଶବରଙ୍କ ସହ ବହୁ ସମର୍ଥକଙ୍କ ଗହଣରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ ବୈଠକର ପରିଚାଳନା କରିଥିଲେ।

## ରାଗରୁଷା ଛାଡ଼ି ଏକାଠିହେଲେ ନୂଆ-ପୁରୁଣା କର୍ମୀ

**ଗୁଣୁପୁର, ୧୧।୪(ସମିସ)**



ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଭାବେ ଏନ୍ ଭାସ୍କର ରାଓ ଦାୟିତ୍ୱ ନେବାପରେ ଗୁଣୁପୁର ନିର୍ବାଚନମଣ୍ଡଳୀର ରାମନାଗୁଡ଼ା, ଗୁଣୁପୁର, ପଦ୍ମପୁର ଓ ଗୁଡ଼ାରୀ ଅଞ୍ଚଳ ଗସ୍ତକରି କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଦଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ନୂତନ ସଭାପତି ଶ୍ରୀ ରାଓ କର୍ମୀଙ୍କୁ ନୂଆ ଉତ୍ସାହ ପ୍ରଦାନ କରିଛନ୍ତି। ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ଗୁଣୁପୁରସ୍ଥିତ ନିମନ୍ତ୍ରଣ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ନୂଆପୁରୁଣା ସବୁ ନେତା ଓ କର୍ମୀ ଏକାଠି ହୋଇଥିଲେ। ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଥିବା ଓ ହାତଗଣତି ନେତାଙ୍କ ମଧ୍ୟରେ ଦଳ ରହିଥିବା ଅନେକ ଦିନହେଲା ଅଭିଯୋଗ ହୋଇଆସୁଥିଲା। ଗୁରୁବାର ଶତାଧିକ କର୍ମୀ ଏକାଠି ହୋଇଥିଲେ। ଶ୍ରୀ ରାଓ କହିଥିଲେ, ଅତୀତରେ ବହୁ କଷ୍ଟରେ ଏଠାରେ ଦଳକୁ ଛିଡ଼ା କରାଯାଇଛି। କଂଗ୍ରେସ ଗଡ଼ରେ ସଂଗଠନ କରିବା ସହଜ ନଥିଲେ ମଧ୍ୟ କଂଗ୍ରେସ ବିକାଶକୁ ଗୁରୁତ୍ୱ ଦେଲାନି। ବିଜୁବାବୁ ବଂଶଧାରା ନଦୀରେ ପୋଲ ନିର୍ମାଣ କରି ଗୁଣୁପୁର ଅଞ୍ଚଳର ଜୀବନଧାରା ବଦଳେଇ ଦେଲେ। ସେଇ ଦିନରୁ ଆମ ଜୟଯାତ୍ରା ଆରମ୍ଭ ହୋଇଛି। ଏଣୁ ମତେ ଯେତେ କଷ୍ଟହେଲେ ମଧ୍ୟ ଏଠିକା ସଂଗଠନକୁ ସୁଦୃଢ଼ କରିବାକୁ ମୁଁ ଅଣ୍ଟା ଭିଡିଛି ବୋଲି କହିଥିଲେ ଭାସ୍କର। ଗତ ଦିନରେ ପୌର ଓ ପଞ୍ଚାୟତରେ ପରାଜୟର ଭୁଲକୁ ସୁଧାରି ଏବେ ଆଗକୁ ବଢ଼ିବାକୁ ହବ। ସମସ୍ତେ ମିଳିତ ଭାବେ କାମ କରିବାକୁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଥିଲେ। ଯାହାର ଯାହା ଦରକାର ସିଧା ମତେ ଫୋନ୍ କର ବୋଲି ଶ୍ରୀ ରାଓ ନୂଆ ଉତ୍ସାହ ଭରିବାକୁ ଉଦ୍ୟମ କରିଥିଲେ। ବରିଷ୍ଠ ନେତା ଏସ. ବାବା ପ୍ରଶାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କ ସମେତ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଳୀ ଗମାଙ୍ଗ, ବରିଷ୍ଠ କାଉନସିଲର ଦେବୀପ୍ରଶାଦ ଆଚାର୍ଯ୍ୟ, ଭାଗୀରଥି ବିଶୋୟୀ, ଶିବ ପାଢ଼ୀ, ପୁଟାସିଂ ସରପଞ୍ଚ ଏସିଓ ଶବର, ଯୁବନେତା ଜିତେନ୍ଦ୍ର ପଣ୍ଡା ପ୍ରମୁଖ ମିଳିମିଶି ବିଜେଡିର ଟେକ ରଖିବାକୁ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ନେତା ଦେବେନ୍ଦ୍ର ଚୌଧୁରୀ, ଗଦାଧର ପଣ୍ଡା, ପୂର୍ବତନ କାଉନସିଲର ଟୁକୁନା ରଥ, ଲକ୍ଷ୍ମୀ ମହାପାତ୍ର, ପଟନୁରୁ ସାଇ କ୍ରିଷ୍ଣା, ପୂର୍ଣ୍ଣ ବାଉରୀ, ପିଙ୍କୁ ପଣ୍ଡା, ଇସମାଇଲ ଶବର, ମାର୍କ ଦଳବେହେରା, କାଉନସିଲର ଶିବ ପାଢ଼ୀ, ଯୁବ ସଭାପତି ରାମ ପଣ୍ଡା, ଯୁବନେତା ସୁଜିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ରାଓ ରାମନାଗୁଡ଼ା, ପଦ୍ମପୁର ଓ ଗୁଡ଼ାରୀରେ ମଧ୍ୟ କର୍ମୀଙ୍କ ସହ ଆଲୋଚନା କରିଥିଲେ।

## ଡାବୁଗାଁରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଡାବୁଗାଁ, ୧୧।୪(ସମିସ)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ପୁଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଜୟନ୍ତୀନଗର ଦେଇ ଡାବୁଗାଁ ସାହିଗୁଡିକରେ ଫ୍ଲାଗମାର୍ଚ୍ଚ କରି ଥାନାକୁ ଫେରିଥିଲେ। ଡାବୁଗାଁ ତହସିଲଦାର ହରିଓମ ଭୋଇ, ବିଡିଓ ଶରତ ମାଝି, ଆଇଆଇସି ସୁନୀଲ ପ୍ରଧାନ, ସିଆରପିଏଫ୍ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଅଜୟ କୁମାର, ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ, ଏଏସ୍‌ଆଇ ଗୋପାଳକୃଷ୍ଣ ହଲୱା ଓ ଚନ୍ଦ୍ରଶେଖର ହଜାରୀ, ଶିଂସାରି ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ ଓ ସିଆରପିଏଫ ବାହିନୀ ଯୋଗ ଦେଇଥିଲେ। ଡାବୁଗାଁ ବ୍ଲକରେ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବା ପାଇଁ ପୁଲିସର ଏହି ସବୁ ପ୍ରୟାସ ଜାରି ରହିବ ବୋଲି ଡାବୁଗାଁ ଥାନା ଆଇଆଇସି ସୂଚନା ଦେଇଛନ୍ତି।

## ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଲୋକାର୍ପିତ

**ଗୁଣୁପୁର,୧୧।୪(ସମିସ)**

ଗୁଣୁପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ଅନ୍ୱେଷା ହଷ୍ଟେଲ ଛାତ୍ରଙ୍କ ଦ୍ୱାରା ଫିତା କାଟି ପ୍ରଦର୍ଶନ କେନ୍ଦ୍ରର ଲୋକାର୍ପଣ କରାଯାଇଥିଲା। ଗୁଣୁପୁର ଉପଜିଲ୍ଲାପାଳ କୀରଣ ଦୀପ କୌର ସାହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପ୍ରୋତ୍ସାହନ କ୍ରମେ ରାୟଗଡ଼ା ଜିଲ୍ଲା ପାଇଁ ଆୟୋଜିତ ପ୍ରଦର୍ଶନ କେନ୍ଦ୍ର ଗୁଣୁପୁର ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ଭାରତ ସ୍ୱାଧୀନ ହେବା ପରଠାରୁ ହେଉଥିବା ସମସ୍ତ ନିର୍ବାଚନ କିପରି ପରିଚାଳିତ ହେଉଥିଲା ସେହି ବିଷୟ ପ୍ରଦର୍ଶନୀର ସ୍ଥାନ ପାଇଛି। ସେଲଫି ପଏଣ୍ଟ, ସମୂହ ଦସ୍ତଖତ ବୋର୍ଡ, ଆଦିବାସୀ କୁଡ଼ିଆ ସହ ବ୍ୟବହୃତ ହେଉଥିବା ବେଲଟ ବକ୍ସ, ଲଣ୍ଠନ, ଜଉ, ଇଭିଏମ, ଭିଭିପ୍ୟାଟ ଆଦି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଶତ ପ୍ରତିଶତ ଭୋଟଦାନ, ପୋଷ୍ଟାଲ ବାଲଟ ଆଦି ଉପରେ ଗୁରୁତ୍ୱ ଦେଇ ଏହି ପ୍ରଦର୍ଶନୀର ଆୟୋଜନ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମଧୁସୂଦନ ମାଝୀ, ସହକାରୀ ଜିଲ୍ଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତି ଆଚାର୍ଜି, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ସାମାଜିକ ସୁରକ୍ଷା ଅଧିକାର ଏଲ୍ ସନ୍ତୋଷ, ମଙ୍ଗଳ ଅଧିକାରୀ ସୁରଜ ନାୟକ, ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ବିଜେଡି ଇସ୍ତାହାର କମିଟିରେ ରମେଶ ମାଝି



**ନବରଙ୍ଗପୁର, ୧୧।୪(ସମିସ):** ରାଜ୍ୟ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ଇସ୍ତାହାର କମିଟିର ଗଠନ କରିଛନ୍ତି। ଏହି କମିଟିରେ ବ୍ରହ୍ମପୁର ସାଂସଦ ଅଧ୍ୟକ୍ଷ ରହିବା ସହ ୩୮ ଜଣ ସଦସ୍ୟ ରହିଛନ୍ତି। ନବରଙ୍ଗପୁର ସାଂସଦ ତଥା ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ରମେଶଚନ୍ଦ୍ର ମାଝୀ ମଧ୍ୟ ଉକ୍ତ ଇସ୍ତାହାର କମିଟିର ସଦସ୍ୟ ରହିଛନ୍ତି। ଶ୍ରୀ ମାଝୀ ପୂର୍ବରୁ ବହୁବାର ବିଧାୟକ ଭାବେ ବିଜୟ ହାସଲ କରି ମନ୍ତ୍ରୀ ରହିଥିବା ବେଳେ ବର୍ତ୍ତମାନ ସେ ନବରଙ୍ଗପୁର ସାଂସଦ ଅଛନ୍ତି। ଚଳିତ ନିର୍ବାଚନରେ ବିଜେଡି ଦଳ ପୁନଃ ଭରସା କରି ନବରଙ୍ଗପୁର ଜିଲ୍ଲା ଝରିଗାଁ ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି।

## ସେମିଳିଗୁଡ଼ାରେ ବିଜେଡିର ବନ୍ଧୁମିଳନ

**ସେମିଳିଗୁଡ଼ା, ୧୧।୪(ସମିସ):** କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡ଼ାର ଆର୍‌ଆର୍‌ପି ଗେଷ୍ଟ ହାଉସ୍‌ଠାରେ ବିଜେଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡ଼ା, ସୁନାବେଡ଼ା ସହରରେ ବିଜେଡିକୁ ସୁଦୃଢ଼ କରିବାକୁ ଆଲୋଚନା ହୋଇଥିଲା। ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଉପନଗରପାଳିକା ରିତୁ କଣ୍ଟା, ନଗର ସଭାପତି ବିଜୟ ରାଉତ, ବିଜୟ ପଣ୍ଡା, ରତ୍ନାକର ନନ୍ଦ, ତ୍ରିନାଥ କଣ୍ଟା, ପୂର୍ଣ୍ଣ ମହାନ୍ତିଙ୍କ ସମେତ ପରିଷଦ କାଉନସିଲର ସଦସ୍ୟ, ନେତା କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ରଘୁରାମ ପଡ଼ାଲ ସମସ୍ତଙ୍କ ସହଯୋଗ କାମନା କରିବା ସହ ଟିକେଟ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଲକ୍ଷ୍ମୀପୁରରେ ପୁଣି ପ୍ରଭୁ ଜାନିଙ୍କୁ ସୁଯୋଗ

**କୋରାପୁଟ/ଲକ୍ଷ୍ମୀପୁର,୧୧।୪(ସମିସ):** ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ(ବିଜେଡି) ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଚତୁର୍ଥ ପର୍ଯ୍ୟାୟରେ ୯ ଜଣ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ଭାବେ ପ୍ରଭୁ ଜାନିଙ୍କୁ ପୁନର୍ବାର ସୁଯୋଗ ଦେଇଛନ୍ତି। ଗୁରୁବାର ପ୍ରଭୁଙ୍କ ନାମ ଘୋଷଣା ପରେ ଦୀର୍ଘ ଦିନରୁ ଲାଗି ରହିଥିବା ଦ୍ୱନ୍ଦ୍ୱର ଅବସାନ ଘଟିଛି। ବିଧାୟକ ପ୍ରଭୁ ଜାନି ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର ସରପଞ୍ଚ ଭାବେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୭ରେ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ପ୍ରଭୁଙ୍କ ନାମ ଘୋଷଣା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



## ବିଜୁ ଜନତା ଦଳର ବନ୍ଧୁମିଳନ

# ୧୦ ପଞ୍ଚାୟତ ସଭାପତିଙ୍କ ସହ ଆଲୋଚନା କଲେ ବିଧାୟକ ପ୍ରାର୍ଥୀ



**କୋରାପୁଟ,୧୧।୪(ସମିସ):**

କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ(ବିଜେଡି) ରଘୁରାମ ପଡାଲଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ କୋରାପୁଟ ବ୍ଲକ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଧାୟକଙ୍କ ବାସଭବନରେ କୋରାପୁଟ ବ୍ଲକ୍ ଅନ୍ତର୍ଗତ ୧୦ଟି ପଞ୍ଚାୟତର ସଭାପତିମାନଙ୍କ ସହ ବିଧାୟକ ପ୍ରାର୍ଥୀ ଶ୍ରୀ ପଡାଲ କୋରାପୁଟ ବ୍ଲକର ବିକାଶ ଉପରେ ଆଲୋଚନା କରିଥିଲେ। ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଶ୍ରୀ ପଡାଲଙ୍କ ଉପରେ ଭରସା କରି ପୁନର୍ବାର ଟିକଟ ପ୍ରଦାନ କରିଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ କୋରାପୁଟ ବ୍ଲକରେ ପ୍ରଚାର ଜୋରଦାର କରାଯିବ। ସମସ୍ତ କାର୍ଯ୍ୟକର୍ତ୍ତା ନିଷ୍ଠାପର ଭାବେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ପଡାଲ ଆହ୍ୱାନ ଦେଇଛନ୍ତି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ରଘୁରାମ ପଡାଲଙ୍କ ସମେତ ବିଜୁ ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ଉପଦେଷ୍ଟା ଉତ୍କଳ ରଞ୍ଜନ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଭୁ ଜାନୀ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଏସଡିସି ସଦସ୍ୟ ପର୍ଶୁ ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ଷାନୀ, ଉପାଧ୍ୟକ୍ଷ ମାଧବ ଖୋସ୍ଲା, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆଙ୍କ ସମେତ କୋରାପୁଟ ବ୍ଲକ ଅନ୍ତର୍ଗତ ୧୦ଟି ପଞ୍ଚାୟତର ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଲମତାପୁଟରେ ବିଧାୟକ ପ୍ରାର୍ଥୀ ପଡ଼ାଲଙ୍କ ପ୍ରଚାର



**କୋରାପୁଟ,୧୧।୪(ସମିସ):** କୋରାପୁଟ ବିଧାୟକ ତଥା ବର୍ତ୍ତମାନର ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲ ଗୁରୁବାର ଲାମତାପୁଟ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରଚାର କରିଛନ୍ତି। ବିଧାୟକ ଶ୍ରୀ ପଡ଼ାଲ ଗୁରୁବାର ପୂର୍ବାହ୍ଣରେ କାଙ୍ଗରପଡ଼ା, ମାଳିପେଟା ଓ ଅନ୍ୟାନ୍ୟ ଗାଁମାନଙ୍କରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଗତ ୫ ବର୍ଷ ମଧ୍ୟରେ ସେ ଅଞ୍ଚଳ ପାଇଁ କରିଥିବା କାର୍ଯ୍ୟଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ବିଧାୟକଙ୍କ ସହ ବ୍ଲକ୍ ସଭାପତି, ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ରାୟଗଡ଼ାରେ ଶ୍ରୀମଦ୍ ଭାଗବତ କଥାମହୋତ୍ସବ



**ରାୟଗଡ଼ା, ୧୧।୪(ସମିସ):** ରାୟଗଡ଼ା ସହରର ଗୌତମ ନଗର ଅଞ୍ଚଳରେ ଥିବା ଇସ୍କନର ପ୍ରଚାର କେନ୍ଦ୍ର (ଆଉଟପୋଷ୍ଟ) ଦ୍ୱାରା ତିନିଦିନ ଧରି ଶ୍ରୀମଦ ଭାଗବତ କଥାମହୋତ୍ସବ ଆୟୋଜିତ ହୋଇଯାଇଛି। ଏପ୍ରିଲ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଏହି ଭାଗବତକଥାର କଥାବାଚକ ଥିଲେ ବୃନ୍ଦାବନଧାମ ନିବାସୀ ପରମପୂଜ୍ୟ ଶ୍ରୀମଦ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜ। ସେ ଇସ୍କନ ପୂର୍ବ ଭାରତର ଆଞ୍ଚଳିକ ସମ୍ପାଦକ ମଧ୍ୟ ଅଟନ୍ତି। 'କଳି ଯୁଗର ଏହି ଯୁଗ ଧର୍ମ' ବିଷୟରେ ତିନି ଦିନ ଧରି ଚର୍ଚ୍ଚା କରିଥିଲେ। ଗୌତମ ନଗର ଆଖପାଖର ଅଧିବାସୀମାନେ ଶ୍ରବଣ କରିବାକୁ ଆସିଥିଲେ। ଭକ୍ତମାନେ ପ୍ରତିଦିନ ନଗର କୀର୍ତ୍ତନ କରି ଲୋକଙ୍କୁ କଥା ଶ୍ରବଣ କରିବାକୁ ଉତ୍ସାହିତ କରୁଥିଲେ। ଶେଷରେ ଇସ୍କନ ଭକ୍ତଙ୍କ ଦ୍ୱାରା ଦୁଇଟି ନାଟକ 'ବିଶ୍ୱାସେ ମିଳଇ ହରି' ଓ 'ମୁଁ ଓ ମୋ ମନ' ନାଟକ ପରିବେଷଣ କରାଯାଇଥିଲା। ପ୍ରତିଦିନ ଭକ୍ତମାନଙ୍କୁ ସୁସ୍ୱାଦୁ ମହାପ୍ରସାଦ ଦିଆଯାଇଥିଲା। ଏହି କଥା ଶୁଣିବାକୁ ପ୍ରତିଦିନ ୧୦୦୦ ଭକ୍ତଙ୍କ ସମାଗମ ହୋଇଥିଲା। ସୁବଳ ହରି ପ୍ରଭୁ, ଧନଞ୍ଜୟ ହୃଷୀକେଶ ପ୍ରଭୁ, ତୀର୍ଥରାଜ ପ୍ରଭୁ ଓ ଅନ୍ୟାନ୍ୟ ଭକ୍ତଗଣ ପରିଚାଳନା କରିଥିଲେ। ସୂଚନା ଥାଉକି ଇସ୍କନ ରାୟଗଡ଼ା ଗୌତମ ନଗର ଶାଖାରେ ପ୍ରତି ରବିବାର ସନ୍ଧ୍ୟା ସମୟରେ ସତସଙ୍ଗ, ନାମକୀର୍ତ୍ତନ ଓ ମହାପ୍ରସାଦ ବିତରଣ କରାଯାଏ। ବୈଷ୍ଣବ ମହୋତ୍ସବରେ ମଧ୍ୟ କଥା, କୀର୍ତ୍ତନ ଓ ପ୍ରସାଦ ବିତରଣ କରାଯାଇଥାଏ।

**ବ୍ଲାଷ୍ଟିଂ ପଥରଖଣ୍ଡ ବାଜି ନାବାଳକ ମୃତ**

# କ୍ଷତିପୂରଣ ଦାବିରେ ସେମିଳିଗୁଡ଼ା-ଦାମନଯୋଡ଼ି ରାସ୍ତା ଅବରୋଧ

**ସେମିଳିଗୁଡ଼ା, ୧୧।୪(ସମିସ)**



କୋରାପୁଟ ଜିଲ୍ଲା ଦାମନଯୋଡ଼ି ନିକଟସ୍ଥ ମାନିଆଁରେ ଏକ ପଥର କ୍ୱାରୀରୁ ବ୍ଲାଷ୍ଟିଂ ବେଳେ ପଥରଖଣ୍ଡ ଛିଟିକି ଜଣେ ନାବାଳକକୁ ବାଜିବାରୁ ତା'ର ମୃତ୍ୟୁ ଘଟିଛି। ସ୍ଥାନୀୟ ମରିଚମାଳ ଗ୍ରାମର ସାଲିନ ଓ ଝରଣା ମାଝିଙ୍କ ପୁଅ ରିତେଶ (୧୪)ଙ୍କ ମୃତ୍ୟୁ ନେଇ କ୍ଷତିପୂରଣ ଦାବିରେ ମୃତ ଦେହକୁ ରଖି ଗ୍ରାମବାସୀ ଓ ମୃତ ନାବାଳକଙ୍କ ସମ୍ପର୍କୀୟ ଦାମନଯୋଡ଼ି-ସେମିଳିଗୁଡ଼ା ରାସ୍ତାକୁ ଅବରୋଧ କରିଥିଲେ। ସୂଚନାପ୍ରକାରେ, ବୁଧବାର ଅପରାହ୍ନରେ ରିତେଶ ଓ ଉତ୍ତମ ଦୁଇ ନାବାଳକ ଗ୍ରାମ ନିକଟସ୍ଥ ମରିଚମାଳ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀର ବ୍ରିଜ୍ ପାର୍ଶ୍ୱରେ ଠିଆହୋଇ ମୋବାଇଲରେ କଥା ହେଉଥିବା ସମୟରେ ନିକଟରେ ଥିବା ଏକ ପଥର କ୍ୱାରୀରେ ବ୍ଲାଷ୍ଟିଂ ଚାଲିଥିଲା। ଏହି ସମୟରେ ହଠାତ୍ ଏକ ପଥର ଖଣ୍ଡ ରିତେଶର କାନ ପାର୍ଶ୍ୱରେ ବାଜିବାରୁ ଘଟଣାସ୍ଥଳରେ ସେ ପଡ଼ି ଯାଇଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ପରେ ଦାମନଯୋଡ଼ି ଥାନା ପୁଲିସ ଓ ସେମିଳିଗୁଡ଼ା ପୁଲିସ ପ୍ରାଥମିକ ତଦନ୍ତ କରିଛନ୍ତି। ଅନ୍ୟପଟେ, କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଜନଜୀବନ ସୁରକ୍ଷା ଦାବିରେ ଗ୍ରାମବାସୀ ଘଟଣାସ୍ଥଳରେ ରାସ୍ତାରୋକ କରିଥିଲେ। ରାତି ରାସ୍ତାରୋକ ଯୋଗୁଁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପୁଲିସ ଅଧିକାରୀମାନେ ଆଲୋଚନା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଏହି ଅଞ୍ଚଳରେ ପଥର ବ୍ଲାଷ୍ଟିଂ ଯୋଗୁଁ ବହୁତ ସମସ୍ୟା ଦେଖାଯାଉଛି।

# ବିଦ୍ୟାଳୟରେ ମେଲେରିଆ ସଚେତନତା କାର୍ଯ୍ୟକ୍ରମ



**ଚନ୍ଦ୍ରପୁର,୧୧।୪(ସମିସ)**

ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ସଦରରେ ଥିବା ଏସଏସଡି ଉଚ୍ଚ ବିଦ୍ୟାଳୟରେ ବୁଧବାର ଗାନ୍ଧୀ ଫେଲୋ ପଲାଶ ଚୌଧୁରୀ ପିରାମଲ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ, ସହକାରୀ ଶିକ୍ଷକ ଆନନ୍ଦ କୁମାର, ବଳଭଦ୍ର, ମକର ତୁହିକା, ପ୍ରଶାନ୍ତ ରତ୍ନାଲୁ, ବରିଷ୍ଠ ଶିକ୍ଷକ ପ୍ରଦୀପ ଚୌଧୁରୀଙ୍କ ଉପସ୍ଥିତିରେ ସ୍କୁଲର ପ୍ରାୟ ୪୦୦ ପିଲାଙ୍କ ମଧ୍ୟରେ ମେଲେରିଆ ସଚେତନତା ପାଇଁ ଭିଡିଓ, ପରଦା ମାଧ୍ୟମରେ ସଂଗଠନ ପକ୍ଷରୁ ବୁଝାଯାଇଥିଲା। ପଲାଶ ଚୌଧୁରୀଙ୍କ ଏହି ଶୈଳୀରେ ପିଲାମାନେ ବୁଝି ନିଜ ଗାଁ ଗାଁରେ ଲୋକମାନଙ୍କୁ ବୁଝେଇ ପାରିବେ ଏ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ପିଲାମାନେ ସନ୍ତୋଷ ପ୍ରକାଶ କରିଥିଲେ ଓ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିଥିଲେ। ଆଶା ଦିଦିଙ୍କ ସହଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ ଓ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**● ଶ୍ରୀରାମ ନବମୀ ପଟୁଆର ପାଇଁ ପ୍ରଶାସନର ସର୍ତ୍ତମୂଳକ ଅନୁମତି**

# ବିନା ଡିଜେ ସାଉଣ୍ଡରେ ହେବ ପଟୁଆର

## ପୁଲିସର ବୈଠକକୁ ଆସିଲେନି ଆୟୋଜନ କମିଟି କର୍ମକର୍ତ୍ତା

**ଜୟପୁର,୧୧।୪(ସମିସ)**

କୋରାପୁଟ ଜିଲ୍ଲା ଜୟପୁରଠାରେ ଆସନ୍ତା ୧୭ ତାରିଖରେ ଶ୍ରୀରାମ ନବମୀ ପାଳନ ଏବଂ ପଟୁଆର ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ଶ୍ରୀରାମ ନବମୀ ଆୟୋଜନ କମିଟିର କର୍ମକର୍ତ୍ତାଙ୍କୁ ଆଲୋଚନା ନେଇ ବୈଠକକୁ ଡାକିଥିଲେ। କିନ୍ତୁ ଆୟୋଜନ କମିଟିର ସଦସ୍ୟମାନେ ଏହି ବୈଠକରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ଶ୍ରୀରାମ ନବମୀ ଅବସରରେ ଆୟୋଜିତ ପଟୁଆର ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏଥିରେ ପାୱାର ହାଉସ ଛକଠାରୁ ରଥ ପଡ଼ିଆ ଛକ ଏବଂ ସେଠାରୁ ଦଶହରା ପଡ଼ିଆ ପର୍ଯ୍ୟନ୍ତ ପଟୁଆର ପାଇଁ ଅନୁମତି ପ୍ରଦାନ କରିଛନ୍ତି। କିନ୍ତୁ ଏହି ପଟୁଆରରେ ଡିଜେ ସାଉଣ୍ଡ ସିଷ୍ଟମକୁ ଅନୁମତି ପ୍ରଦାନ କରାଯାଇନାହିଁ। କେବଳ ପାରମ୍ପରିକ ବାଜା ବଜାଇବେ ଏବଂ ଏହା ୬୫ ଡେସିବଲରୁ କମ୍ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଟୁଆରରେ ୫ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇ ପାରିବେ ନାହିଁ। ସେହିପରି ଦଶହରା ପଡ଼ିଆଠାରେ ଆୟୋଜିତ ପରମ୍ପରା ଅନୁଯାୟୀ କାର୍ଯ୍ୟକ୍ରମରେ ୫ ଶହରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ହୋଇପାରିବେ ନାହିଁ। ଏହି ପଟୁଆର କିମ୍ବା କାର୍ଯ୍ୟକ୍ରମରେ ରାଜନୈତିକ ସଂଶ୍ଲିଷ୍ଟ ହୋଇପାରିବ ନାହିଁ। ସେହିପରି କୌଣସି ମାରଣାସ୍ତ୍ର ନେଇ ପଟୁଆରରେ ଯୋଗଦେବା ଉପରେ କଟକଣା ଜାରି କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବା ଯୋଗୁଁ କୌଣସି ପ୍ରକାର ଗଣ୍ଡଗୋଳ, ପାଟିତୁଣ୍ଡ ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ପ୍ରତି ଆୟୋଜକ କମିଟି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରଶାସନର ନିୟମ ଓ ଆଇନ ଏହି ପଟୁଆର କିମ୍ବା କାର୍ଯ୍ୟକ୍ରମ ସ୍ଥଳରେ କୌଣସି ଅଘଟଣ ଘଟିଲେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଆୟୋଜକ ଦାୟୀ ରହିବେ ବୋଲି ପ୍ରଶାସନ ପକ୍ଷରୁ କଡ଼ା ଉଲ୍ଲେଖ କରାଯାଇଛି। ସନ୍ଧ୍ୟାରେ ଜୟପୁର ଶ୍ରୀରାମ ନବମୀ ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ଚୈତନ୍ୟ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ୧୭ ତାରିଖରେ ଶ୍ରୀରାମ ନବମୀ ଅବସରରେ ଶାନ୍ତିଶୃଙ୍ଖଳା ଓ ସଫଳତାର ସହିତ କିଭଳି ଆୟୋଜନ ହେବ ସେନେଇ ଆଲୋଚନା ହୋଇଥିଲା।

# ତିନି ମାଓବାଦୀ ଗିରଫ, ବୋମା ଜବତ




**ମାଲକାନଗିରି,୧୧।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ବିଜାପୁର ପୁଲିସ ତିନିଜଣ ମାଓବାଦୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲା ଗାଙ୍ଗାଲୁର ଥାନା ଅଞ୍ଚଳରେ ଡିଆରଜି ଓ କେରିପୁ ୮୫ ବାହିନୀ ମିଳିତ ଭାବେ କେରଚୋଲୀ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ସମୟରେ କିଛି ମହିଳା ଓ ପୁରୁଷ ଜଙ୍ଗଲ ମଧ୍ୟରେ ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରୁଥିବା ଦେଖି ଯବାନମାନେ ସେମାନଙ୍କୁ କାବୁ କରିଥିଲେ। ଏହାପରେ ଯବାନମାନେ ୨ ମହିଳା ଓ ଜଣେ ପୁରୁଷଙ୍କୁ କାବୁ କରି ପଚରାଉଚରା କରିବାବେଳେ ସେମାନେ ମାଓବାଦୀ ବୋଲି ଜାଣିଥିଲେ। ସେମାନଙ୍କ ନିକଟରୁ କିଛି ବିସ୍ଫୋରକ ମଧ୍ୟ ଯବାନମାନେ ଜବତ କରିବା ସହ ତିନିଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଗିରଫ ମାଓବାଦୀମାନେ ହେଲେ ସୁକୁ କୁଞ୍ଜାମ, ପାକଲୀ ଓୟାମ୍, ଦିପିକା ଅବଲମା। ଏହି ତିନିଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଟିଫିନ ବୋମା, କୋଡେକ୍ସ ତାର, ବିଜୁଳି ତାର, ଡିଟୋନେଟର, ବ୍ୟାଟେରି ସହ ବହୁ ସାମଗ୍ରୀ ଜବତ କରିଛନ୍ତି। ଗୁରୁବାର ଏହି ତିନିଜଣଙ୍କୁ କୋର୍ଟ ଚାଲାଣ କରିଥିବା ବିଜାପୁର ପୁଲିସ ସୂଚନା ଦେଇଛି।

# ବିଷୁବ ମିଳନ ପାଇଁ ପ୍ରସ୍ତୁତି ବୈଠକ

ଗୁଣୁପୁର,୧୧।୪(ସମିସ): ସ୍ଥାନୀୟ କାଳୀପୂଜା ମଣ୍ଡପଠାରେ ଗୁରୁବାର ବିଷୁମ ମିଳନ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଂଶଧାରା ସାହିତ୍ୟ ସମାଜ ଓ ଗୁଣୁପୁର ନବ ନିର୍ମାଣ ସମିତିର ମିଳିତ ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ଭଳି ଏହିଥର ମଧ୍ୟ କାଳୀପୂଜା ମଣ୍ଡପ ପରିସରରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ୧୪ ତାରିଖ ସନ୍ଧ୍ୟାରେ କବିତା ପାଠୋତ୍ସବ, ପଞ୍ଜିକା ପଠନ, କାବ୍ୟାୟନର ଲୋକାର୍ପଣ, ପଣା ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ କବିମାନଙ୍କ ସ୍ୱରଚିତ କବିତା ସଂଗ୍ରହ କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର କବି, ସାହିତ୍ୟିକମାନଙ୍କୁ ନେଇ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ନିର୍ବାଚନକୁ ଆଖି ଆଗରେ ରଖି ନିରାଡ଼ମ୍ବର ଢଙ୍ଗରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବଂଶଧାରା ସାହିତ୍ୟ ସମାଜର ସଭାପତି ପ୍ରଭାତ ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ଦାସ, ଉମାଶଙ୍କର ଦାସ, ରାଜେଶ ପାଢ଼ୀ, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଦୁର୍ଗା ଶତପଥି, ବିମଳ ମିଶ୍ର, ଦିଲ୍ଲୀପ ଚୌଧୁରୀ, ନିଖିଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ାଗୁଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



**କଲ୍ୟାଣସିଂହପୁର, ୧୧।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତ ବୁଢ଼ାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲାର ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ବିପିନ ବିହାରୀ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ କୈଳାସପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶିକେଶନ ବାଗ, ବିଜୟନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶୁତୋଷ ମହାପାତ୍ର, ବିନିଶପୁର ସେବାଶ୍ରମର ପ୍ରଧାନଶିକ୍ଷକ ଅଭିମନ୍ୟୁ କନ୍ଧପାଣି, ବେଳକଣା ସେବାଶ୍ରମର ପ୍ରଧାନଶିକ୍ଷକ ସୁନନ୍ଦା ଜେନା, ପାର୍ଶାଲି ସେବାଶ୍ରମର ପ୍ରଧାନଶିକ୍ଷକ ବି ରାଜେଶ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବାବୁରାଓ ନିଶିକା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିରିପୁର ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ଧଳ ଶିକ୍ଷା ସହ ଶାରୀରିକ ଶିକ୍ଷାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ଦୁଇଦିନିଆ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ପ୍ରତିଯୋଗିତାରେ ୮୪ ଜଣ କୃତୀ ଛାତ୍ରଛାତ୍ରୀ ଓ ତିନୋଟି ଦଳଗତ କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷକ ଶ୍ରୀନିବାସ ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

**■ ରାଜ୍ୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା**

# ଜିଲ୍ଲା କ୍ରିକେଟ୍ ଦଳ ପାଇଁ ଚୟନ ଶିବିର

**ନବରଙ୍ଗପୁର, ୧୧।୪(ସମିସ):** ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ପ୍ରତିଯୋଗିତା ପାଇଁ ଜିଲ୍ଲା କ୍ରିକେଟ ଦଳ ଚୟନ ପ୍ରକ୍ରିୟା ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଏମ୍. ବାଲକ୍ରିଷ୍ଣା, ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା କ୍ରିକେଟ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଟର୍ଫ ୱିକେଟ କ୍ୟୁରେଟର ଅଶୋକ ନାୟକ ଏବଂ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଏକାଡେମୀର କୋଚ ଲାଲ ମହମ୍ମଦ ଖାନ୍ ଯୋଗ ଦେଇଥିଲେ। ଶିବିରରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ଦୁଇଟି ପୌରପାଳିକାର ସ୍କୁଲ ସ୍ତରରୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ପାଞ୍ଚଟି ଦଳ କରି ମ୍ୟାଚ ଖେଳାଯିବ। ଅନ୍ ଲାଇନ୍ ସ୍କୋର ଆଧାରରେ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖି ଓଡ଼ିଶା କ୍ରିକେଟ ଏକାଡେମୀ ୨୫ ଜଣ ଖେଳାଳିଙ୍କୁ ଚୟନ କଲାପରେ ଜିଲ୍ଲା କ୍ରିକେଟ ସଂଘ ସେହି ଖେଳାଳିଙ୍କ ମଧ୍ୟରୁ ଚୂଡ଼ାନ୍ତ ୧୫ ଜଣଙ୍କୁ ଚୟନ କରିବ। ଶିବିରରେ ଚୂଡାନ୍ତ ଦଳ ଚୟନ କରିବାର ଦାୟିତ୍ୱ ଜିଲ୍ଲା କ୍ରିକେଟ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଅଶୋକ ନାୟକ ଏବଂ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଏକାଡେମୀର କୋଚ୍ ଲାଲ ମହମ୍ମଦ ଖାନଙ୍କୁ ପ୍ରଦାନ କରାଯାଇଛି। ମହିଳା କ୍ରିକେଟ ଦଳର ଅଜିତା ଦାସ, ରୋଇଲା ଭତରା, ସାଇ କୁମାର, ସୁବ୍ରତ ଗୋଣ୍ଡ, ଦିଲ୍ଲୀପ ବିଷୋଇ, ଜିଲ୍ଲା କ୍ରିକେଟ ସଂଘର ସଦସ୍ୟ ଲମ୍ବୋଦର ସୌରା, ଦୁର୍ଯ୍ୟ ହରିଜନ ଏବଂ ଶଶାଙ୍କ ବେହେରା ଏହି ଚୟନ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଚୂଡ଼ାନ୍ତ ଦଳ ଚୟନ ହେଲା ପରେ ଏହି ଦଳ କଟକ ଗସ୍ତ କରିବା ନେଇ ସଂଘର ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।



**■ ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ**

# କାମ ହୋଇନି, ଟଙ୍କା ଉଠିଛି; ଭିଜିଲାନ୍ସ ତଦନ୍ତ ଦାବି

**କୋରାପୁଟ, ୧୧।୪(ସମିସ):** ଦଶମନ୍ତପୁର ବ୍ଲକରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କାମ ନକରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଛି। ମିଛ ଜିଓ ଟ୍ୟାଗ୍ କରି ଶ୍ରମିକମାନଙ୍କ ନାଁରେ ଅନ୍‌ଲାଇନ୍ ପେମେଣ୍ଟ କରି ଦଲାଲ ଜରିଆରେ ଟଙ୍କା ଉଠାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପିଣ୍ଡାପଦର ପଞ୍ଚାୟତ ଚିନ୍ଦରଯୋଡି ଗାଁରେ ୨୫ ଆଦିବାସୀ ପରିବାର ବସବାସ କରନ୍ତି। ଚିନ୍ଦରଯୋଡ଼ିରେ କୌଣସି ବିଦ୍ୟାଳୟ ନାହିଁ। ପିଲାଙ୍କ ପାଇଁ ଖେଳପଡ଼ିଆ ନିର୍ମାଣ କରାଯାଇଥିବା ଦେଖାଇ ୫ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଗ୍ରାମର ରଘୁନାଥ ସାଉନ୍ତା, ମନବୋଧ ସାଉନ୍ତା, ଧନ ଦିଶାରି, ହେଡୁ ଦିଶାରି ପ୍ରମୁଖ କହିଛନ୍ତି। ଦୁଇ ବର୍ଷ ତଳେ ଏହି କାମ କରାଯାଇଥିଲା। କାର୍ଯ୍ୟର ସୂଚନାଫଳକ ନିର୍ମାଣ କରି ଭାଙ୍ଗି ଦିଆଗଲା। ଜେସିବି ମେସିନ୍‌ରେ ମାତ୍ର ୫ରୁ ୬ ଘଣ୍ଟା କାମ ହୋଇଥିଲା। ଚିନ୍ଦରଯୋଡ଼ି ଓ ପଡୋଶୀ ଗ୍ରାମର ଶ୍ରମିକଙ୍କ ନାଁରେ ୱାର୍କଡିମାଣ୍ଡ କରି ଅନ୍‌ଲାଇନରେ ପେମେଣ୍ଟ ଛାଡ଼ି ଦଲାଲ ଠିକାଦାର ଓ ବ୍ଲକର ଏପିଓ ହାତ ଚିକ୍କଣ କରିଥିବା କୁହାଯାଇଛି। କେବଳ ୭୫ ଜଣ ଶ୍ରମିକଙ୍କ ନାଁରେ ୪ ଲକ୍ଷ ୩ ହଜାର ୬୩୭ ଟଙ୍କା ଉଠାଇ ଖାଇଥିବା ଜଣାପଡ଼ିଛି। ଗାଁରେ ଶ୍ରମିକ ଥିଲେ ମଧ୍ୟ ତାଙ୍କ ନାଁରେ ଟଙ୍କା ଉଠାଇଲେ ଜାଣିବେ ବୋଲି କାମ କରାଉଥିବା ଠିକାଦାର ତ୍ରିନାଥ ପାତ୍ର, ହରଡାପୁଟ ଗାଁର ରଘୁ ପାତ୍ର, ଠଣ ପାତ୍ର, ଜାନକି କମାର, ତିଲ ପାତ୍ର, ଭୁବନ ପାତ୍ର, ଗୁଲା କମାର, ଦେବ ପାଇକ, ମିନ ପାତ୍ର ଭଳି ଅନ୍ୟ କେତେକ ମିଛ ଶ୍ରମିକ ନାଁରେ ଟଙ୍କା ଉଠାଇଥିବା ସଙ୍ଗିନ ଅଭିଯୋଗ କରିଛନ୍ତି। କେବଳ ଏହି ଗୋଟିଏ ଗାଁରେ ନୁହେଁ କଡିକିପଦର, ନକିମାଳ, ଏବଂ ବରଗଛ ଗାଁରେ ମଧ୍ୟ ୪ ଲକ୍ଷରୁ ଅଧିକ ଟଙ୍କା ଶ୍ରମିକ ନାଁରେ ହଡ଼ପ କରିଥିବା ଜଣାପଡ଼ିଛି। ଏହାର ତୁରନ୍ତ ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ମିଳନ ଝାଙ୍କର କହିଛନ୍ତି ଯେ ତାଙ୍କ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।



# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ବାର୍ଷିକ ଉତ୍ସବ



**ବିଷମ କଟକ,୧୧।୪(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ୨୦୨୪ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବ ସଭାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଶରତଚନ୍ଦ୍ର ସେଠ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଷମ କଟକ ବିଡିଓ ସଦାଶିବ ନାୟକ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ପ୍ରେରଣା ଦେଇଥିଲେ। ଏହି ଅବସରରେ ରାୟଗଡ଼ା ଜିଲ୍ଲାର ୧୧ଟି ବ୍ଲକର ୧୧ ଜଣ ଶିକ୍ଷକଙ୍କୁ ଅଭିନବ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ସ୍ତରରେ କାର୍ଯ୍ୟରତ ଥିବା ସାଧନକର୍ମୀ ରାଜେଶ ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ସ୍ମରଣିକା, ଶବ୍ଦ ସଙ୍ଗମ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଶ୍ରୀରଙ୍ଗ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀ, ବ୍ଲକ ଶିକ୍ଷାଧିକାରୀ ନବୀନଚନ୍ଦ୍ର ଖରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭଜନଲାଲ ମାଝୀ, କଲନରା ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଲତା ଜେନା, ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ଗଣେଶ ଶବର, ଗୁଣୁପୁର ବିଆଇଟିଇ ଅଧ୍ୟକ୍ଷ ମନୋଜ ଗମାଙ୍ଗ ଯୋଗ ଦେଇଥିଲେ। ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେର, ଶ୍ରାବଣୀ ଜାନି, ସୁଚିନ୍ମୟୀ ମିଶ୍ର, ମଧୁମିତା ବଳ, ମନୋଜ ପଟ୍ଟନାୟକ, ଜ୍ୟୋତିର୍ମୟୀ ଘଡ଼େଇ ଯୋଗଦାନ କରିଥିଲେ। ଜିଲ୍ଲା ଶିକ୍ଷାକେନ୍ଦ୍ରର ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ଡୁକୁମ ସିଆରସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପାଳିତ









**କୋରାପୁଟ, ୧୧।୪(ସମିସ)**

ଏକ ମାସ ରୋଜା ପାଳନ ପରେ କୋରାପୁଟ ସହରରେ ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇଭଉଣୀ ଗୁରୁବାର ମହାଆଡ଼ମ୍ବରାରେ ଇଦ୍-ଉଲ୍-ଫିତର ପାଳନ କରିଛନ୍ତି। ପୂର୍ବାହ୍ନରେ ମୁସଲମାନ ଧର୍ମାବଲମ୍ବୀମାନେ ନୂଆ ପୋଷାକ ପରିଧାନ କରି ସ୍ଥାନୀୟ ମସ୍‌ଜିଦରେ ଏକତ୍ରିତ ହୋଇ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏକ ଶୋଭାଯାତ୍ରାରେ ବାହାରି ପରଜା ସାହି ନିକଟ ଇଦ୍‌ଗାରେ ପହଞ୍ଚିବା ପରେ ସେଠାରେ ଇମାମ ହାପିଜ୍ ମଜ୍ଜାମୁଲ୍ ହୁସେନ୍ କୁରାନ ପାଠ କରିବା ସହ ଆହ୍ଲାଙ୍କ ନୀତିବାଣୀ ଶୁଣାଇଥିଲେ। ମସ୍‌ଜିଦ କମିଟିର ସଭାପତି ଏଏ ଖାନ୍ ପରିଚାଳନା କରିଥିବା ବେଳେ କୋରାପୁଟ ପ୍ରାୟ ଦୁଇ ହଜାର ମୁସଲମାନ ଧର୍ମାବଲମ୍ବୀ ଏଥିରେ ସାମିଲ ହୋଇଥିଲେ।

**ପାପଡ଼ାହାଣ୍ଡି:** ଗୁରୁବାର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ଏବଂ ଜଟାବାଲଠାରେ ମୁସଲିମ ଭାଇଭଉଣୀମାନେ ଇଦ୍ ଉଲ୍ ଫିତର ତଥା ଇଦ୍ ପର୍ବ ଆନନ୍ଦର ସହ ପାଳନ କରିଥିଲେ। ଗତକାଲି ଚନ୍ଦ୍ର ଦେଖିବାର ପରଦିନ ଗୁରୁବାର ଇଦ୍ ଉଲ୍ ଫିତର ପାଳନ କରାଯାଇଥିଲା। ପୂର୍ବଜ ପରିବାର ସଦସ୍ୟଙ୍କ ପାଇଁ ପ୍ରାର୍ଥନା କରିଥିଲେ।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରେ ଗୁରୁବାର ଇଦ୍ ଉଲ୍ ଫିତର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଶୱାଲ ଜହ୍ନ ଦେଖିବା ପରେ ଇଦ୍ ପାଳନ କରାଯାଏ। ଇଦ୍-ଉଲ୍ ଫିତର ପର୍ବ ପାଇଁ ସେମିଳିଗୁଡ଼ା ସହରରେ ମସଜିଦକୁ ସଜାଯାଇଛି। ଇଦ୍ ପାଇଁ ମାର୍କେଟରେ ଗହଳି ଦେଖିବା ପାଇଁ ମିଳିଛି। ସାରା ଦେଶରେ ଗୁରୁବାର ଆନନ୍ଦ ଉଲ୍ଲାସର ସହ ଇଦ୍ ଉଲ୍ ଫିତର ପାଳନ କରାଯାଉଛି। ସକାଳୁ ମସଜିଦଗୁଡ଼ିକରେ ସମୂହ ନମାଜପାଠ କରାଯାଇଥିଲା। ନିଷ୍ଠାର ସହ ପୂରା ମାସ ରୋଜା ବା ଉପବାସ ପାଳିଥିଲେ ଇସଲାମ୍ ଧର୍ମାବଲମ୍ବୀ ଭାଇଭଉଣୀମାନେ। ଇଦ୍ ଉଲ ଫିତର ଅବସରରେ ପରସ୍ପରକୁ ଇଦର ଶୁଭେଚ୍ଛା ଜଣାଇ ଧୁମଧାମ୍ ସହକାରେ ଏହି ପର୍ବକୁ ପାଳନ କରିଛନ୍ତି। ଘରେ ଘରେ ବିରିୟାନି, ଲଚ୍ଛା, ସିମେଇ, ଖଜୁର ଆଦି ପ୍ରସ୍ତୁତ କରିଥିଲେ। ମୁସଲମାନ ସହରରେ ଶୋଭାଯାତ୍ରା ଆୟୋଜନ କରିଥିଲେ। ପରେ ମସଜିଦରେ ଆୟୋଜନ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ମୁସଲମାନ ଭାଇ ଭଉଣୀଙ୍କ ସହ ଇଦ୍ ପାଳିଥିଲେ ଦୁଇ ନେତା।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସହରରେ ଗୁରୁବାର ଇଦ-ଉଲ-ଫିତର ଆନନ୍ଦ ଉଲ୍ଲାସରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଯାଇଛି। ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଖ୍ରୀଷ୍ଟିଆନ ପେଟା ସ୍ଥିତ ଇଦଗା ପଡ଼ିଆଠାରେ ମିଳିତ ଭାବେ ବିଭିନ୍ନ ପର୍ଯ୍ୟାୟରେ ସକାଳ ସାଢ଼େ ୮ଟାରୁ ନମାଜପାଠ କରାଯାଇଥିଲା। ପବିତ୍ର ରମଜାନ ମାସରେ ମୁସଲମାନ ଧର୍ମାଲମ୍ବୀମାନେ ଉପବାସ ପାଳନ କରିଥିଲେ। ମାସର ଅନ୍ତିମ ଦିବସରେ ଅମାବାସ୍ୟା ପରେ ଦ୍ୱିତୀୟା ତିଥି ସନ୍ଧ୍ୟାରେ ଜହ୍ନ ଦର୍ଶନ ପରେ ଉପବାସ ଭଙ୍ଗ କରିବା ସହିତ ଏହାର ପରଦିନ ଇଦ୍-ଉଲ-ଫିତର ମିଳିତ ଭାବେ ପାଳିଥାଆନ୍ତି। ଗୁରୁବାର ପୂର୍ବାହ୍ଣରୁ ସମସ୍ତ ମୁସଲମାନ ସମ୍ପ୍ରଦାୟର ଶିଶୁ, ବାଳକବାଳିକା, ଯୁବକଯୁବତୀ ଏବଂ ବୟସ୍କମାନେ ନୂତନ ପୋଷାକ ପିନ୍ଧିଥାଆନ୍ତି। କେବଳ ପୁରୁଷମାନେ ଇଦଗା ପଡ଼ିଆଠାରେ ମିଳିତ ଭାବେ ନମାଜପାଠ ପରେ ସ୍ଥାନୀୟ ଜାମବାଡ଼ ସାହି ସ୍ଥିତ ଶ୍ମଶାନଠାରେ ନିଜ ନିଜର ପୂର୍ବପୁରୁଷଙ୍କ ସମାଧି ନିକଟରେ ଧୂପକାଠି ଏବଂ ଫୁଲ ଦେଇ ଶ୍ରଦ୍ଧାଞ୍ଜଳି ସହିତ ପ୍ରାର୍ଥନା କରିଥାଆନ୍ତି। ଏହି ଅବସରରେ ସମସ୍ତେ ନିଜ ନିଜ ଗୃହରେ ବିଭିନ୍ନ ସୁସ୍ୱାଦୁ ରନ୍ଧନ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିବା ସହିତ ପରିବାର ସମସ୍ତେ ମିଳିତ ଭାବେ ଖାଇବା, ବନ୍ଧୁବର୍ଗ ଏବଂ ଗରିବ ଶ୍ରେଣୀର ଲୋକମାନଙ୍କୁ ପ୍ରଦାନ କରିଥାଆନ୍ତି। ଜୟପୁର ସୁନ୍ନି ଅଞ୍ଜୁମନ କମିଟି ପକ୍ଷରୁ ଇଦଗା ପଡ଼ିଆରେ ଆୟୋଜିତ ନମାଜପାଠରେ ଜୟପୁର ସହରର ଦୁଇଟି ମସଜିଦର ମୌଲାନା ହାଫିଜ ଇଫତିକାର ଆଲାମ, ଇମାମ ଉସମାନ, ହାଫିଜ ହାସନ ସାହେବ ପ୍ରମୁଖ ସମ୍ପ୍ରଦାୟର ଲୋକମାନେ ପ୍ରାର୍ଥନା କରିଥିଲେ। ଜାମା ମସଜିଦରେ ଅଞ୍ଜୁମନ କମିଟିର ସଭାପତି ମସ୍ତାଫା ବେଗ୍, ଉପସଭାପତି ମହମ୍ମଦ ଆକବର ବେଗ୍, ସମ୍ପାଦକ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ଥିଲେ। ଭାଇଚାରାର ସହର ଜୟପୁରଠାରେ ହିନ୍ଦୁ ସମ୍ପ୍ରଦାୟର ଯୁବକମାନେ ମୁସଲମାନ ବନ୍ଧୁମାନଙ୍କୁ ଏହି ଅବସରରେ ଶୁଭକାମନା ଜଣାଇଥିଲେ।

**ମାଲକାନଗିରି :** ମାଲକାନଗିରି ସଦର ମହକୁମାସ୍ଥିତ ସୁନ୍ନି ଜାମା ମସଜିଦରେ ଇସ୍ଲାମିୟା କମିଟି ଓ ଇଦଗା ମୁଫତି ମଇନ ମିଳିତ ଭାବେ ଇଦ୍ ଉଲ-ଫିତର ପର୍ବ ଧୁମଧାମରେ ପାଳନ କରିଛନ୍ତି। ସ୍ଥାନୀୟ ଆଶୀର୍ବାଦ କଲୋନୀସ୍ଥିତ ଇଦଗା (ଶ୍ମଶାନ)ଠାରେ ଏକତ୍ରିତ ହୋଇ ସେଠାରେ କବର ପାଇଥିବା ପରିବାର ଲୋକଙ୍କ ଆତ୍ମାର ସଦଗତି ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ପରେ ଇଦଗା ପରିସରରେ ବନ୍ଧୁମିଳନ ସହ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁନିଜାମା ମସଜିଦ କମିଟିର ସଭାପତି ଏସ୍.କେ.ମଇଦିନ, ମୌଲାନା ମଇନ ଅଂସାରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ।

**ଉମରକୋଟ :** ଶେଷ ହୋଇଛି ମୁସଲମାନ ଭାଇଭଉଣୀଙ୍କ ପବିତ୍ର ରମଜାନ ମାସ। ଉମରକୋଟ ଅଞ୍ଜୁମନ ଇସ୍‌ଲାମିଆ କମିଟି ପକ୍ଷରୁ ଇଦ୍-ଉଲ୍-ଫିତର ପର୍ବରେ ମୁସଲମାନ ଭାଇଭଉଣୀ ଓ ଶିଶୁମାନେ




ଏକତ୍ରିତ ହୋଇ ମସଜିଦ ନିକଟରୁ ଶୋଭାଯାତ୍ରା କରିଥିଲେ। ଉମରକୋଟ ଆଞ୍ଜୁମନ ଇସଲାମିଆ କମିଟି ସଭାପତି ମହମ୍ମଦ ସଲିମ ରାଠୋର ଏବଂ ପୂର୍ବତନ ସଭାପତି ଖାଲିଦ ଜିଲାନୀଙ୍କ ତତ୍ୱାବଧାନରେ ଏହି ଶୋଭାଯାତ୍ରା ରାଇଘର ରୋଡସ୍ଥିତ ଇଦଗା ନିକଟରେ ପହଞ୍ଚିଥିଲେ। ପ୍ରାର୍ଥନା ସଭାରେ ଆଞ୍ଜୁମନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ସମସ୍ତଙ୍କୁ ଭାଇଚାରାର ବାର୍ତ୍ତା ବାଣ୍ଟିବା ପାଇଁ ନିବେଦନ କରିଥିଲେ। ପରେ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମିଶି ବନ୍ଧୁ ମିଳନରରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷା ତଥା ଉମରକୋଟ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥିନୀ ନବୀନା ନାୟକ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଅଭାବୀ ଓ ଗରିବଙ୍କୁ ଦାନ ଧର୍ମ କରାଯାଇଥିଲା। କମିଟିର ଉପସଭାପତି ସହଜାଦା ରିଜିଭି, ସମ୍ପାଦକ ଅଲ୍ଲୀ ଲାଠିଆ, ଯୁଗ୍ମ ସମ୍ପାଦକ ଶେଖ ଅନିଶ, ଇନୁଷ ମାଲକାନୀ, ଉମର ହିଙ୍ଗରା ପ୍ରମୁଖ ଉପସ୍ଥିତ ଥିଲେ।

**ନବରଙ୍ଗପୁର:** ବୁଧବାର ଚାନ୍ଦ ଦେଖିବା ପରେ ଗୁରୁବାର ଇଦ୍-ଉଲ୍-ଫିତର ପାଳନ କରାଯିବ ବୋଲି ନବରଙ୍ଗପୁରର ମସଜିଦର ମୌଲାନା ମୁଫତି ଅଫତାବ ଆଲମ୍ ଘୋଷଣା କରିଥିଲେ। ତଦନୁଯାୟୀ ଗୁରୁବାର ନବରଙ୍ଗପୁର ଜାମା ମସଜିଦଠାରେ ସକାଳ ୮ ଟା ସମୟରେ ସମସ୍ତ ମୁସଲିମ ଧର୍ମାବଲମ୍ବୀ ଏକତ୍ରିତ ହୋଇଥିଲେ। ଏହାପରେ ମୌଲାନାଙ୍କ ନେତୃତ୍ୱରେ ଇଛାବତିଗୁଡା ଇଦ୍‌ଗା ପଡ଼ିଆ ପର୍ଯ୍ୟନ୍ତ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ସାମୂହିକ ନମାଜ ପାଠ ସମୟରେ ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ସମୃଦ୍ଧି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସେକ ସାଜନ, ଏମ୍‌ଡି ଜାହୁର, ଅମିରୁ, ଏମଡି ଅମୀନ ପ୍ରମୁଖ ସହଯୋଗ କରିଥିବା ତାଜ ଇମ୍ରାନ ସାରିଫ ସୂଚନା ଦେଇଛନ୍ତି।

**ନନ୍ଦପୁର :** ଇଦ୍-ଉଲ୍-ଫିତର ଭାଇଚାରାର ପର୍ବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ନନ୍ଦପୁର ବ୍ଲକ ଥୁବା ଓ ପାତ୍ରପଣ୍ଡି ଗ୍ରାମରେ ଇଦ୍-ଉଲ୍-ଫିତର ନେଇ ଉତ୍ସବମୁଖର ହୋଇଛି ଗ୍ରାମ। ରମଜାନ ଚାନ୍ଦ ଦେଖିବା ପରେ ଏକ ମାସ ଧରି ରମଜାନ୍ ପାଳନ କରିଥାନ୍ତି। ରମଜାନ ପାଳନ ବିଧି ଅନୁସାରେ ଉପବାସ ରହି ନମାଜପାଠ କରିଥାନ୍ତି ମୁସଲମାନ ଭାଇଭଉଣୀମାନେ। ପରେ ଇଦ୍ କା ଚାନ୍ଦ ଦେଖିବା ପରେ ଇଦ୍-ଉଲ୍-ଫିତର ପର୍ବ ପାଳନ କରିଥାନ୍ତି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଥୁବା ଓ ପାତ୍ରପଣ୍ଡି ଦୁଇ ଗ୍ରାମ ମୁସଲମାନ ଭାଇଭଉଣୀମାନେ ଏକତ୍ରିତ ହୋଇ ଥୁବା ଇଦଗାଠାରେ ସମୂହ ନମାଜପାଠ କରି ସବ ଗିଲେ ସୀକ୍ ବେ ଭୁଲି ଗଲେ ଲାଗିଥାନ୍ତି। ପରେ ମିଠା ଓ ଉପହାର ଜଣେ ଅନ୍ୟ ଜଣଙ୍କୁ ଦେଇ ମୁସଲମାନ ଭାଇଭଉଣୀମାନେ ଖୁସି ମନାଇଥାନ୍ତି।

**ଉମରକୋଟ :** ଶେଷ ହୋଇଛି ମୁସଲମାନ ଭାଇଭଉଣୀଙ୍କ ପବିତ୍ର ରମଜାନ ମାସ। ଏହି ମାସ ମୁସଲିମ ସମ୍ପ୍ରଦାୟଙ୍କ ପବିତ୍ର ମାସ ହୋଇଥିବାରୁ ଏହି ମାସରେ ସମସ୍ତ ମୁସଲିମ ଭାଇଭଉଣୀ ଆଲ୍ଲାଙ୍କ ନାମରେ ଦିନ ତମାମ ଉପବାସରେ ରହିଥାନ୍ତି, ଯାହାକୁ ରୋଜା ମଧ କୁହାଯାଇଥାଏ। ଏଥିସହ ମାସ ତମାମ ଗରିବ ଓ ଅଭାବୀ ଲୋକଙ୍କୁ ଦାନ ଧର୍ମ ମଧ କରିଥାନ୍ତି। ରମଜାନ ମାସର ଅନ୍ତିମ ଦିବସ। ଆଜି ସାରା ବିଶ୍ୱରେ ପାଳିତ ହେଉଛି ପବିତ୍ର ଇଦ୍ ପର୍ବ। ଉମରକୋଟ ସହର ମଧ ଏଥିପାଇଁ ହୋଇଛି ଉତ୍ସବମୁଖର। ଉମରକୋଟ ଅଞ୍ଜୁମନ ଇସଲାମିଆ କମିଟି ପକ୍ଷରୁ ମହାଆଡ଼ମ୍ବର ସହ ପାଳନ ହେଉଛି ଇଦ୍ ପର୍ବ। ଏହି ପରିପ୍ରେକ୍ଷୀରେ ମୁସଲମାନ ଭାଇଭଉଣୀ ଓ ଶିଶୁମାନେ ଏକତ୍ରିତ ହୋଇ ଓଡ଼ିଶା ପ୍ରସିଦ୍ଧ ମସଜିଦ ନିକଟରୁ ଉମରକୋଟ ଅଞ୍ଜୁମନ ଇସଲାମିଆ କମିଟି ସଭାପତି ମହମ୍ମଦ ସଲିମ ରାଠୋର ଏବଂ ପୂର୍ବତନ ସଭାପତି ଖାଲିଦ ଜିଲାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ରାଇଘର ରୋଡ୍ ସ୍ଥିତ ଇଦଗା ନିକଟରେ ପହଞ୍ଚିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ଉମରକୋଟ ଅଞ୍ଚଳରେ ଭାଇଚାରା ବଜାୟ ରହିବା ଓ ବିଶ୍ୱଶାନ୍ତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ପ୍ରାର୍ଥନା ସଭାରେ ଅଞ୍ଜୁମନ ଇସଲାମିଆ କମିଟି ସଭାପତି ମହମ୍ମଦ ସଲିମ ରାଠୋର ଉପସ୍ଥିତ ସମସ୍ତଙ୍କୁ ଭାଇଚାରାର ବାର୍ତ୍ତା ବାଣ୍ଟିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅପିଲ କରିଥିଲେ। ପରେ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମିଶି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷା ତଥା ଉମରକୋଟ ନିର୍ବାଚନ ମଣ୍ଡଳୀ ବିଜେଡି ସମର୍ଥିତ ବିଧାୟକ ପ୍ରାର୍ଥିନୀ ନବୀନା ନାୟକ ଯୋଗଦେଇ ସମସ୍ତ ମୁସଲିମ ଭାଇଭଉଣୀମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ଶେଷରେ ଉପସ୍ଥିତ ଅଭାବୀ ଓ ଗରିବଙ୍କୁ ଦାନ ଧର୍ମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଜୁମନ ଇସଲାମିଆ କମିଟିର ଉପସଭାପତି ସହଜାଦା ରିଜିଭି, ସମ୍ପାଦକ ଅଲ୍ଲୀ ଲାଠିଆ, ଯୁଗ୍ମ ସମ୍ପାଦକ ଶେଖ୍ ଅନିଶ, ଇନୁଷ ମାଲକାନୀ, ଉମର ହିଙ୍ଗରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସୁନାବେଡ଼ା :** ସୁନାବେଡ଼ାରେ ଶାନ୍ତି ଓ ଭାଇଚାରାର ପର୍ବ ଇଦ୍ ଉଲ୍ ଫିତର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ପାଳିତ ହୋଇଯାଇଛି। ସୁନାବେଡ଼ା ଏରୋନୋଟିକ୍ସ ମୁସଲିମ କଲଚରାଲ ଆସୋସିଏସନ ପକ୍ଷରୁ 'ଟି' ଜୋନ୍ ସ୍ଥିତ ଆରାଧନା ସ୍ଥଳରେ ଇଦର ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୁସଲମାନ ଭାଇମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଆରାଧନା ସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ସମବେତ ଜନତାଙ୍କୁ ହାଫିଜ୍ ଅଶଗର ଅଲ୍ଲୀ ପର୍ବ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ଇଦର ସ୍ୱତନ୍ତ୍ର ନମାଜର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱଶାନ୍ତି ଏବଂ ସମସ୍ତଙ୍କ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା ଏବଂ ପରସ୍ପରକୁ ଇଦର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଆସୋସିଏସନର ସମ୍ପାଦକ ତୋଷିଫ ଆଲମ, କୋଷାଧ୍ୟକ୍ଷ ସୟଦ ସରୱାର ଅଲ୍ଲି ଏବଂ ଅନ୍ୟାନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ମୁସଲମାନ ଭାଇଭଉଣୀମାନେ ରମଜାନ ମାସରେ ୩୦ ଦିନ ଧରି ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ରଖନ୍ତି ଏବଂ ମାସ ଶେଷ ହେବା ପରେ ଇଦ୍ ପାଳନ କରନ୍ତି। ଏହି ଅବସରରେ ଅନ୍ୟାନ୍ୟ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ନିଜର ମୁସଲମାନ ଭାଇଭଉଣୀଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଉମରକୋଟ,୧୧।୪(ସମିସ):** ପରିବାର ପ୍ରତିପୋଷଣ କରିବା ଲାଗି ସମାଜରେ ଲୋକମାନେ ବିଭିନ୍ନ ବୃତ୍ତିକୁ ଆପଣେଇଛନ୍ତି। ଶିକ୍ଷକତା ଏଭଳି ପବିତ୍ର କାର୍ଯ୍ୟ, ଯାହାକୁ ଜୀବନଧାରଣ ନିମନ୍ତେ ବୃତ୍ତି ନୁହେଁ ବରଂ ଏକ ପବିତ୍ର ବ୍ରତ ଭାବେ ବିବେଚନା କରାଯାଏ ବୋଲି ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର କେଶରାବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଅବସରକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କୋପେନା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର ଗଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଚନ୍ଦାହାଣ୍ଡି ବ୍ଲକର ସେବାନିବୃତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଗ୍ରସେନ ନାୟକ ଶିକ୍ଷାଦାନକୁ ଏକ ମହାନ୍ କାର୍ଯ୍ୟ ବୋଲି ପ୍ରକାଶ କରିବା ସହିତ ସମାଜରେ ଅନ୍ୟ ଯେକୌଣସି କାର୍ଯ୍ୟ କେବେ ମଧ ତୁଳନୀୟ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଆଞ୍ଚଳିକ ସାଧନ କେନ୍ଦ୍ର କେଶରାବେଡ଼ାର ସିଆରସିସି ମୋତିରାମ ଗଣ୍ଡ ଯୋଗଦେଇ ସେବନିବୃତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମାଝୀଙ୍କ ଚାକିରି ଜୀବନର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏଥିସହ କୋପେନା ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା କ୍ରୀଡ଼ା ଶିକ୍ଷୟିତ୍ରୀ ମିଲି ହାଲଦାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୁଖ୍ୟବକ୍ତା ଶ୍ରୀ ନାୟକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ତାରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନୋଜ ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକିନାଥ ଭତ୍ରା ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଧାରା, ଗୁଣାବଳୀ ଓ ଛାତ୍ରବତ୍ସଳ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଶିକ୍ଷକ ବିରସିଂ ପରଜା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ ସତ୍ୟଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଚଞ୍ଚଳା ବିଶ୍ୱାସ, ଶିକ୍ଷକ ଚକ୍ରଧର ଭତ୍ରା, ସୁନିଲ ବିଶ୍ୱାଳ, ସନ୍ତୋଷ ବାରିକ, ପଞ୍ଚୁରାମ ଗଣ୍ଡ, ରାମଚନ୍ଦ୍ର ସାମଲ, ପିତାମ୍ବର ମାଳିଙ୍କ ସମେତ ବହୁ ଶିକ୍ଷକ ସହଯୋଗ କରିଥିଲେ।



# ଓଡ଼ିଆ ନବବର୍ଷ ଉପଲକ୍ଷେ ଝୋଟି, ଚିତ୍ରାଙ୍କନ ପ୍ରତିଯୋଗିତା



**ରାୟଗଡ଼ା,୧୧।୪(ସମିସ)**

ଦଳ, ମତ ନିର୍ବିଶେଷରେ ରାୟଗଡ଼ାଠାରେ ଡ. ନିରଞ୍ଜନ ପ୍ରସାଦ ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେଉଥିବା ଜିଲ୍ଲା ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ତରଫରୁ ପିଲାମାନଙ୍କ ପାଇଁ କନିଷ୍ଠ ଏବଂ ସର୍ବକନିଷ୍ଠ ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା, ମହିଳାମାନଙ୍କ ପାଇଁ ଝୋଟି ଏବଂ ଓଡ଼ିଆ ସଜବାଜ ପ୍ରତିଯୋଗିତା ରାୟଗଡ଼ା ସହର ସ୍ଥିତ କୃଷ୍ଣଚନ୍ଦ୍ର ନଗର ଭବନ (ଟାଉନ ହଲ)ଠାରେ ଗୁରୁବାର ଆୟୋଜିତ ହୋଇଥିଲା। ପିଲାମାନଙ୍କ ଚିତ୍ରାଙ୍କନ ପ୍ରତିଯୋଗିତାରେ ସର୍ବକନିଷ୍ଠ ବିଭାଗରେ ଦିବ୍ୟାଂଶୀ ମହାପାତ୍ର ପ୍ରଥମ, ନିଶାନ୍ତ ଦାଶ ଦ୍ୱିତୀୟ, ନାନସୀ ନିରଜା ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ଏଥିରେ ଭାବନା ଗୌଡ଼ ଏବଂ ଜୟରାମ କୁଲେଶିକା ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିଭଳି କନିଷ୍ଠ ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ କୃପା ପ୍ରଧାନ ପ୍ରଥମ, ସୁନିତା ଶବର ଦ୍ୱିତୀୟ, ସାକ୍ଷୀ ସିମ୍ରନ ତୃତୀୟ ସ୍ଥାନ ଅକ୍ତିଆର କରିଥିବାବେଳେ ଦିଲେଶ୍ୱରୀ ସା ଏବଂ ଆଲିଶା ସାହୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମହିଳାମାନଙ୍କର ଝୋଟି ପ୍ରତିଯୋଗିତାରେ ସୁନିତା ସାମନ୍ତରାୟ ପ୍ରଥମ ସ୍ଥାନ ଅକ୍ତିଆର କରିଥିବାବେଳେ ଲୋପାମୁଦ୍ରା ରଥ ଦ୍ୱିତୀୟ, ସ୍ୱପ୍ନା ଗୌଡ଼ ତୃତୀୟ ସ୍ଥାନରେ ରହିଥିଲେ ଏବଂ ପାୟଲ ଦଳେଇ ଓ ଝୁନୁ ଦଣ୍ଡସେନା ସନ୍ତ୍ୱନାମୂଳକ ପୁରସ୍କାର ପାଇବାକୁ ବିବେଚିତ ହୋଇଥିଲେ। ସେହିଭଳି ମହିଳାମାନଙ୍କ ପାଇଁ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ହୋଇଥିବା ଓଡ଼ିଆ ସଜବାଜ ପ୍ରତିଯୋଗିତାରେ ମହେଶ୍ୱତା ପାଣିଗ୍ରାହୀ ପ୍ରଥମ, ପ୍ରଜ୍ଞାନୀ ଲେଙ୍କା ଦ୍ୱିତୀୟ ଏବଂ ପ୍ରଦୀପ୍ତା ଦାଶ ତୃତୀୟ ସ୍ଥାନ ଅକ୍ତିଆର କରିଥିବାବେଳେ ଅବନ୍ତି ପାଢ଼ୀ ଏବଂ ସରସ୍ୱତୀ ମହାପାତ୍ର ସାନ୍ତ୍ୱନାମୂଳକ ପୁରସ୍କାର ପାଇବାକୁ ବିବେଚିତ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରୀ ପାଣ୍ଡିଆ, କାଳୀ ମାଣ୍ଡାଙ୍ଗି, ଶ୍ରୀମତୀ ସୁଜାତା ଏବଂ ମୀନା କୁମାରୀ ରଥ ପ୍ରମୁଖ ବିଚାରକ ଥିବାବେଳେ ଝୋଟି ପ୍ରତିଯୋଗିତାରେ କାଳୀ ରଥ, ପ୍ରତିମା ପାଣିଗ୍ରାହୀ, କସ୍ତୁରୀ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସେହିଭଳି ଭାବେ ଓଡ଼ିଆ ସଜବାଜ ପ୍ରତିଯୋଗିତାରେ ରୀତା ମିଶ୍ର, ଗୋବିନ୍ଦ ରଥ, ଯୋଗେଶ ପଣ୍ଡା ପ୍ରମୁଖ ବିଚାରକ ଥିଲେ। ଏହି ପ୍ରତିଯୋଗିତାଗୁଡ଼ିକୁ ଶୁଭ୍ରା ପଣ୍ଡାଙ୍କ ନେତୃତ୍ୱରେ ସୁଜ୍ଞାନୀ ପାଢ଼ୀ, ମଞ୍ଜୁଳା ମିଣିଆକା, ନମିତା ପାଢ଼ୀ, ସନ୍ତୋଷୀ ସେନାପତି, ରୀତା ମିଶ୍ର, ଅଞ୍ଜଳି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ସିୟୁଓ ଏବଂ ଆଇଜିଏନସିଏ ପକ୍ଷରୁ ସ୍ୱତନ୍ତ୍ର ସେମିନାର

# 'ଦେଶର ବିକାଶ ପାଇଁ ଆମେ ନିଜ ସଂସ୍କୃତିର ପୁନରୁଦ୍ଧାର କରିବା ଉଚିତ'



**କୋରାପୁଟ, ୧୧।୪(ସମିସ):** ସଂସ୍କୃତ ବିଭାଗର ତିନିଦିନିଆ ଅନ୍ତର୍ଜାତୀୟ ସେମିନାର ଅଧୀନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ) ପକ୍ଷରୁ 'ଭାରତୀୟ ଜ୍ଞାନ ପରମ୍ପରା କେ ଆଲୋକ ମେ କଳା ଓ ସାହିତ୍ୟ' ଶୀର୍ଷକ ଏକ ସ୍ୱତନ୍ତ୍ର ବୈଷୟିକ ଅଧିବେଶନ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ କଳା ଓ ସଂସ୍କୃତି କେନ୍ଦ୍ର (ଆଇଜିଏନସିଏ)ର ମିଳିତ ଆନୁକୂଲ୍ୟରେ ସୁନାବେଡ଼ା ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ଅଧ୍ୟୟନ ପାଇଁ ଆଇଜିଏନସିଏ ଟିମ୍ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗସ୍ତରେ ଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇଜିଏନସିଏର ପ୍ରଫେସର ଅରୁଣ କୁମାର ଭରଦ୍ୱାଜ, ଦରଭଙ୍ଗା ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଲକ୍ଷ୍ମୀ ନିବାସ ପାଣ୍ଡେ, ଆଇଜିଏନସିଏର ଦକ୍ଷିଣ-ପୂର୍ବ ଏସୀୟ ଅଧ୍ୟୟନ ପ୍ରଫେସର ଡିସି ଚୌବେ, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ଅର୍ଥ ଅଧିକାରୀ ତଥା ଭାଷା ସମୂହ ସ୍କୁଲର ଡିନ୍ ପ୍ରଫେସର ନରସିଂହ ଚରଣ ପଣ୍ଡା, ଆଇଜିଏନସିଏର ପ୍ରଫେସର ଅନିଲ କୁମାର ଓ ପ୍ରଫେସର ସୁଧୀର ଲାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ସଭାପତିତ୍ୱ ଭାଷଣରେ ମିଳିତ ସହଯୋଗ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭବିଷ୍ୟତରେ ଫଳପ୍ରଦ ଫଳାଫଳ ଆଣିବ ବୋଲି ଖୁସିବ୍ୟକ୍ତ କରିଥିଲେ। ଏହା ଆମର ପୁରୁଣା ଗୌରବକୁ ପୁନରୁଦ୍ଧାର କରିବାରେ ମଧ୍ୟ ସହାୟକ ହେବ, ଯାହା ସର୍ବଦା ଉତ୍ତମ ସଂସ୍କୃତି ଏବଂ ସମୃଦ୍ଧି ପାଇଁ ବାର୍ତ୍ତା ଦେଇଥାଏ। ପାଶ୍ଚାତ୍ୟ ସଂସ୍କୃତି ଆମ ସମାଜର ଅବକ୍ଷୟ ଘଟାଇ ଚାଲିଛି ଏବଂ ଭାରତର ବିକାଶ ପାଇଁ ଆମେ ନିଜ ସଂସ୍କୃତିର ପୁନରୁଦ୍ଧାର କରିବା ଉଚିତ୍ ବୋଲି ସେ କହିଥିଲେ। ଆଇଜିଏନସିଏ ସହ ସହଯୋଗ ମାଧ୍ୟମରେ ଆମ ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳରେ ଅନେକ ଶୈକ୍ଷିକ, ସାଂସ୍କୃତିକ ଏବଂ ଗବେଷଣା କାର୍ଯ୍ୟକଳାପ ଆରମ୍ଭ କରିବ ଏବଂ ବିଶ୍ୱସ୍ତରରେ ଏହାର ବିସ୍ତାର କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ଏନସି ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଔଷଧ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ପାରମ୍ପରିକ ସଂସ୍କୃତିର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରଫେସର ଲକ୍ଷ୍ମୀ ନିବାସ ପାଣ୍ଡେ ତାଙ୍କ ଅଭିଭାଷଣରେ ଭୌଗୋଳିକ ଓ ସାଂସ୍କୃତିକ ଦୃଷ୍ଟିରୁ ଭାରତ ନିଜେ ଏକ ଗୌରବମୟ ଦେଶ ବୋଲି କହିବା ସହ ଭାରତୀୟ ଜ୍ଞାନ ପ୍ରଣାଳୀ ବିଶ୍ୱରେ ଅନନ୍ୟ। କେବଳ ଜ୍ଞାନ ଓ ସଂସ୍କୃତି ନୁହେଁ, ଦକ୍ଷତା ବିକାଶରେ ମଧ୍ୟ ଭାରତ ସମୃଦ୍ଧ ଥିଲା। ଏହି ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି। ଉଭୟ ସଂସ୍କୃତ ଓ ସଂସ୍କୃତି ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଫେସର ଅରୁଣ କୁମାର ଭରଦ୍ୱାଜ ଆଇଜିଏନସିଏ ପ୍ରତିଷ୍ଠାର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଭାରତର ଐତିହାସିକ ଓ ପୌରାଣିକ ମହତ୍ୱକୁ ଦର୍ଶାଇବାକୁ ପଡ଼ିବ ବୋଲି କହିଥିଲେ। ଏହି ଉଦ୍ଦେଶ୍ୟରେ ଭାରତର ପାରମ୍ପରିକ ଗୌରବକୁ ପୁନରୁଦ୍ଧାର କରିବା କ୍ଷେତ୍ରରେ ଆଇଜିଏନସିଏର ବର୍ତ୍ତମାନ ୭ଟି ପ୍ରକଳ୍ପ ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କୁ ପାରମ୍ପରିକ ଜ୍ଞାନ ପ୍ରଣାଳୀ ଶିଖିବା ପାଇଁ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ମଡ୍ୟୁଲ୍ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ପ୍ରଫେସର ଚୌବେ କହିଥିଲେ ଯେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ସହିତ ଭାରତର ଅତୀତ ସମ୍ପର୍କ ସ୍ଥାପନ କରିବା ଉପରେ ଅଧିକ ଅଧ୍ୟୟନ କରାଯିବା ଉଚିତ୍। ପ୍ରଫେସର ଲାଲ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିବା ସହ ଭାରତର ପୁରୁଣା ଗୌରବ ବିଶେଷ କରି ଭଗବତ ଗୀତାକୁ ଡିଜିଟାଇଜ୍ କରିବାରେ ଆଇଜିଏନସିଏର ବିଶେଷ ଉଦ୍ୟମ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ଗୀତାରେ ୱେବସାଇଟର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଏବଂ ଆଧୁନିକ ଭାରତ ମଧ୍ୟରେ ଥିବା ବ୍ୟବଧାନକୁ ବୁଝାମଣା କରିବା। ତେଣୁ ଗୀତା ମୌଖିକ, ପାଠ୍ୟ ଓ ଅଡିଓ ଭିଜୁଆଲ୍ ଆକାରରେ ୱେବସାଇଟରେ ଉପଲବ୍ଧ।

ପ୍ରଫେସର ଅନିଲ କୁମାର କହିଥିଲେ ଯେ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ବିକାଶ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଭଳି ଅଧିକ କ୍ଷେତ୍ର ଅଧ୍ୟୟନକୁ ପ୍ରୋତ୍ସାହିତ କରାଯିବା ଉଚିତ। ସିୟୁଓ-ଆଇଜିଏନସିଏ କ୍ଷେତ୍ର ପରିଦର୍ଶନର ନୋଡାଲ ଅଫିସର ଡ. ସୌରଭ ଗୁପ୍ତା ଚାଲିଥିବା ମିଳିତ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟକ୍ରମର ରିପୋର୍ଟ ଉପସ୍ଥାପନ କରିବା ସହ ସେମିନାରର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ସିୟୁଓର ଶିକ୍ଷା ବିଭାଗର ପ୍ରାଧ୍ୟାପକ ପ୍ରଫେସର ଭରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ସିୟୁଓର ଛାତ୍ରୀ ସୃଷ୍ଟି ମୁଖାର୍ଜୀ ପରିଚାଳନା କରିଥିଲେ। ସେମିନାର ପୂର୍ବରୁ ସିୟୁଓର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆଇଜିଏନସିଏର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ଉପସ୍ଥାପିତ ପ୍ରଦର୍ଶନୀ 'ଶବ୍ଦ, ଅକ୍ଷର, ଭାଷା'କୁ ଉଦଘାଟନ କରିଥିଲେ। ଏହି ଅବସରରେ ପୁସ୍ତକ ଆକାରରେ ପ୍ରକାଶିତ 'ଭାରତରେ ବିକାଶର ଯାତ୍ରା : ଅର୍ଥନୈତିକ ଓ ଯୋଗାଯୋଗ ଦୃଶ୍ୟରେ ପ୍ରତିଫଳନ' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ରର କାର୍ଯ୍ୟକ୍ରମକୁ ମଞ୍ଚରେ ପ୍ରତିନିଧିମାନେ ଉଦଘାଟନ କରିଥିଲେ। ଜେଏମସି ବିଭାଗର ଡ. ସୌରଭ ଗୁପ୍ତା ଓ ଅର୍ଥନୀତି ବିଭାଗର ଡ. ମିନତି ସାହୁ ମିଳିତ ଭାବେ ଏହି ପୁସ୍ତକର ସମ୍ପାଦନା କରିଛନ୍ତି। ଏହି ଅବସରରେ ଗସ୍ତରେ ଥିବା ଆଇଜିଏନସିଏର ସମସ୍ତ ଛାତ୍ରଛାତ୍ରୀ, ସିୟୁଓର ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର: ୧୬୪ ୟୁନିଟ୍ ସଂଗ୍ରହ



**ରାଇଘର, ୧୧।୪(ସମିସ):** ନବରଙ୍ଗପୁର ଜିଲ୍ଲା ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକତା ସାମାଜିକ ସଂଗଠନ ଓ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ୨୬ଟି ପଞ୍ଚାୟତର ଦୁର୍ଗମ ଅଞ୍ଚଳର ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏକତା ସାମାଜିକ ସଂଗଠନ ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗ ସାତଦିନ ଧରି ଗ୍ରାମାଞ୍ଚଳରେ ରକ୍ତଦାନ ନିମନ୍ତେ ସଚେତନତା କରିଥିଲେ। ଜଙ୍ଗଲ ସୁରକ୍ଷା କରି ଆସୁଥିବା ଗୋନା ବନସୁରକ୍ଷା ସମିତି ସମସ୍ତ ସଦସ୍ୟ ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ ଆଶାକର୍ମୀ ଓ ଏଏନଏମ ଦିଦି ସହଯୋଗ ସହଯୋଗ କରିଥିଲେ। ରାଇଘର ବ୍ଲକଠାରେ ଅନେକ ସମୟରେ ରକ୍ତହୀନତା ସମସ୍ୟା ଦେଖିବାକୁ ମିଳୁଛି। ଏହାକୁ ଗୁରୁତ୍ୱ ଦେଇ ଅଞ୍ଚଳବାସୀ ସଚେତନ ହୋଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ଏକତା ସାମାଜିକ ସଂଗଠନର ସମସ୍ତ ସଦସ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଭରଣ୍ଡି ଓ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ଓଡ଼ିଆ ନବବର୍ଷ ପାଳନ ପାଇଁ ବୈଠକ



**ଉମରକୋଟ, ୧୧।୪(ସମିସ):** ଓଡ଼ିଆ ନବବର୍ଷକୁ ବହୁ ଆଡ଼ମ୍ବର ସହ ପାଳନ କରିବା ନିମନ୍ତେ ସ୍ଥାନୀୟ ଗୁଲିପାଟଣା ବାବା ବୈଦନାଥ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନବବର୍ଷର କାର୍ଯ୍ୟକ୍ରମଟି ଉମରକୋଟ ଗୁଲିପାଟଣା ବାବା ବୈଦନାଥ ଶିବ ମନ୍ଦିରଠାରେ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ପ୍ରଫୁଲ୍ଲ ରାଉତ ସଭାପତିତ୍ୱ କରିଥିଲେ। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାର ନିଷ୍ପତ୍ତି ହୋଇଛି। ବରିଷ୍ଠ ସମାଜସେବୀ ଜୟଦେବ ପରିଡ଼ା, ଆଇନଜୀବୀ ଝାଡେଶ୍ୱର ମହାନ୍ତି, ମାର୍କଣ୍ଡ ସାହୁ, କୃଷ୍ଣପ୍ରସାଦ ପଟ୍ଟନାୟକ, ସଙ୍ଗୀତ ମଣ୍ଡଳ, କୁନା ସାହୁ, ସୁଶୀଲ ବେହେରା, ରଜତ ସାନ୍ତ୍ରା, ବିପିନ ମାଝୀ, ଶ୍ରୀନିବାସ ପଟ୍ଟନାୟକ, ଯତିନ ପଣ୍ଡା, ସନ୍ତୋଷ ପାତ୍ର, କେଦାରେଶ୍ୱର ପଟ୍ଟନାୟକ, ଝୁନା ପରିଡ଼ା, ଅଜିତ ସ୍ୱାଇଁ, ବାଲାଜୀ ବେହେରା, କୃପାରାମ ସାହୁ, ସନ୍ତୋଷ ପାତ୍ର, ଅଶୋକ ପ୍ରଧାନ, ଗୋପାଳ ପଟ୍ଟନାୟକ, ନୀଳମାଧବ ନାୟକ, ସୁରେଶ ଆଚାର୍ଯ୍ୟ, ସଞ୍ଜୟ ବେହେରା ଯୋଗଦେଇଥିବା ବେଳେ ଟୁଟୁବାବୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଆଲୁମିନା ଉଷାପଡ଼ା ଟାଉନସିପ୍‌ରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା



ଟିକିରି, ୧୧।୪(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରିସ୍ଥିତ ଉଷାପଡ଼ା ଉତ୍କଳ ଆଲୁମିନା ଟାଉନ୍ ସିପ୍ ପରିସରରେ ଶ୍ରୀଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଚାଲିଛି। ଏପ୍ରିଲ୍ ୮ରୁ ଆରମ୍ଭ ହୋଇ ଏହି ଉତ୍ସବ ଶୁକ୍ରବାର ସମ୍ପନ୍ନ ହେବା ନେଇ ସୂଚନା ମିଳିଛି। ଗୁରୁବାର ଠାକୁର ସ୍ନାନ ଓ ଶୟନ ଅନୁଷ୍ଠିତ ହୋଇଯାଇଥିବା ବେଳେ ୧୨ ଏପ୍ରିଲରେ ବିଗ୍ରହ ପ୍ରାଣପ୍ରତିଷ୍ଠା, ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହେବ ବୋଲି ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ପ୍ରତିଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବୁଧବାର ରାତିରେ ଗଜଲ ସମ୍ରାଟ ପଦ୍ମଶ୍ରୀ ଅନୁପ୍ ଜଲଟା ଓ ତାଙ୍କ ଗ୍ରୁପର ଗଜଲ ଓ ଭଜନ ସମାରୋହ ହୋଇଥିଲା। ଉତ୍କଳ ଆଲୁମିନା ସିଇଓ ମଜହୋର ବେଗ ଓ ତାଙ୍କ ଧର୍ମପତ୍ନୀ ସମସ୍ତ କଳାକାରଙ୍କୁ ସମ୍ମାନିତ କରିଥିଲେ।

## କାଗଜକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ଆନ୍ଦୋଳନକୁ ଜିଲ୍ଲା ଆଇନଜୀବୀ ସଂଘର ସମର୍ଥନ

**ଜୟପୁର,୧୧।୪(ସମିସ):**



କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସେୱା କାଗଜକଳ ଅବସରପ୍ରାପ୍ତ କର୍ମଚାରୀମାନେ ଗତ ୫ ତାରିଖଠାରୁ ସେମାନଙ୍କ ପୁରୁଣା ବକେୟା ଟଙ୍କା ପ୍ରଦାନ ଏବଂ ପେନସନ୍ ଦାବି ନେଇ କାରାଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ଗୁରୁବାର ଜିଲ୍ଲା ଆଇନଜୀବୀ ସଂଘର ଏକ ପ୍ରତିନିଧି ଦଳ ଧାରଣାସ୍ଥଳରେ ପହଞ୍ଚି ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ଧାରଣାରେ ଯୋଗଦେଇଥିଲେ। ଏହି ପ୍ରତିନିଧି ଦଳରେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ବିରେଶ ପଟ୍ଟନାୟକ, ରାଜ୍ୟ ଆଇନଜୀବୀ ସଂଘର ସଦସ୍ୟ ପି. ରମେଶ ପାତ୍ର, ଜିଲ୍ଲା ଆଇନଜୀବୀ ସଂଘର ସଭାପତି ତ୍ରିନାଥ ସିଂ ଲାଲ୍, ସମ୍ପାଦକ ମହେନ୍ଦ୍ର ଅଧିକାରୀ, ଉପସଭାପତି ସତ୍ୟବ୍ରତ ପାଢ଼ୀ, ଯୁଗ୍ମ ସମ୍ପାଦକ ପି. ସନ୍ନ୍ୟାସୀ ରାଓ, କୋଷାଧ୍ୟକ୍ଷ ସହଦେବ ପଟ୍ଟନାୟକ, ଆଇନଜୀବୀ ଜୟନ୍ତ ସାନ୍ତ୍ରା, ହରିଶ ମୁଦୁଲି, ଗିରିଧର ଖରା, ସୁରେଶ ହଡ଼ପ, ଶୀତଲ ରଥ ଏବଂ ତାପସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନଜୀବୀ ସଂଘ ସମର୍ଥନ ଜଣାଇ ଏକ ପତ୍ର ଧାରଣାରତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ପତ୍ରରେ ବର୍ତ୍ତମାନ ପାଞ୍ଚ ମାସର ଦରମା ସହ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ (ବିଟିଏ)କୁ ଆଇନ୍ ଅନୁସାରେ ଲାଗୁ କରିବା, ଅବସର ପରେ ଶ୍ରମିକମାନଙ୍କ ସମସ୍ତ ବକେୟା ଟଙ୍କା ପ୍ରଦାନ, ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ପେନସନ୍ ପ୍ରଦାନ କରିବା ପ୍ରମୁଖ ଦାବି ରହିଛି। ରାଜ୍ୟ କାଉନସିଲ ସଦସ୍ୟ ଶ୍ରୀ ପାତ୍ର, ଜିଲ୍ଲା ସଂଘର ସଭାପତି ଶ୍ରୀ ସିଂ ଲାଲ ଏହି ଅବସରରେ ଆବଶ୍ୟକସ୍ଥଳେ ଆଇନ୍ ଅନୁସାରେ ପଦକ୍ଷେପ ନିଆଯିବ ଏବଂ ଜିଲ୍ଲା ଆଇନଜୀବୀ ସଂଘ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ପାରିତ କରି ଏକ ପତ୍ର ଜିଲ୍ଲାପାଳ ଏବଂ ଶ୍ରମ ଯୁଗ୍ମ କମିଶନରଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିବ ବୋଲି କହିଛନ୍ତି।

## ନିଗମାନନ୍ଦ ସାରସ୍ୱତ ସଂଘ ପକ୍ଷରୁ ଗୀତାଯଜ୍ଞ



**ବୋରିଗୁମ୍ମା, ୧୧।୪(ସମିସ):** ଗୁରୁବାର ବୋରିଗୁମ୍ମାସ୍ଥିତ ସନ୍ତୋଷୀ ନଗର ବ୍ରହ୍ମାନନ୍ଦ ନିବାସରେ ନିଗମାନନ୍ଦ ସାରସ୍ୱତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ଗୀତାଯଜ୍ଞ ଓ କଥାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହ ଶହ ସଂଖ୍ୟାରେ ଭଗବତପ୍ରେମୀ ଯୋଗଦାନ ପୂର୍ବକ ଭଗବତ କୃପାଲାଭ କରିଥିଲେ। ଏହି ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ଶେଷ ହୋଇଛି।। ବୁଧବାର ସନ୍ଧ୍ୟା ସୁଦ୍ଧା ଅଧିବାସକୃତ୍ୟ ଓ ମଣ୍ଡଳଧିକରଣ ସହ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଥିଲା। ଗୁରୁବାର ପ୍ରାତଃ ୪ଟା ୩୦ରେ ପ୍ରଭାତୀ କୀର୍ତ୍ତନ, ଷୋଡଶପଚାରରେ ଠାକୁରଙ୍କ ପୂଜା, ମଙ୍ଗଳ ଆରତୀ, ଯଜ୍ଞ ବେଦୀରେ ଘୃତଯଜ୍ଞ ଓ ପାରାୟଣଯଜ୍ଞ, ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞଶାଳା ପ୍ରବେଶ, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜା ପ୍ରଭୃତି କରାଯାଇଥିଲା। ୧୧ଟାରେ ଯଜ୍ଞକୁଣ୍ଡ ସଂସ୍କାର, ଅଗ୍ନି ସ୍ଥାପନ, ଚାରୁସଂସ୍କାର ହୋଇ ମଧ୍ୟାହ୍ନ ୧ଟାଠାରୁ ଘୃତଯଜ୍ଞାରମ୍ଭ କରି ଅପରାହ୍ନ ୫ଟା ପୂର୍ଣ୍ଣାହୁତି ହୋଇଥିଲା। ଶ୍ରୀକ୍ଷେତ୍ର ପୁରୀ ନିଗମାନନ୍ଦ ସାରସ୍ୱତ ବେଦ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ପଣ୍ଡିତ ଜ୍ଞାନେନ୍ଦ୍ର ଷଡଙ୍ଗୀ ଯଜ୍ଞକର୍ମକୁ ସଞ୍ଚାଳନ କରିଥିଲେ। ପୁରୀ ଲୋକନାଥମାର୍ଗସ୍ଥିତ ନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ଡ. ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ଏବଂ ନବରଙ୍ଗପୁର ସ୍ଥିତ ଖଣ୍ଡଗୁଡ଼ା ନିଗମାନନ୍ଦ ସାରସ୍ୱତ ଆଶ୍ରମର ପ୍ରବଚିକା ପିୟୁଷମୟୀ ସରସ୍ୱତୀ ମହୋଦୟାଙ୍କ ଦ୍ୱାରା ସନ୍ଧ୍ୟା ୬ରୁ ୯ଟା ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତଗୀତା କଥାଯଜ୍ଞ ଆଶୀର୍ବଚନ ପ୍ରଦାନ କରିଥିଲେ। ବୋରିଗୁମ୍ମା ସାରସ୍ୱତ ସଂଘର ମା' ନମିତା ପାତ୍ର ଓ ମା'-ଭାଇମାନଙ୍କ ଦ୍ୱାରା ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।

## କୋଟିଆ ନିର୍ବାଚନ ପରିଚାଳନା ନେଇ ଆନ୍ଧ୍ର ଜିଲ୍ଲା ଆଇଟିଡିଏପିଓଙ୍କ ସମୀକ୍ଷା

**ପଟାଙ୍ଗି,୧୧।୪(ସମିସ):**



ଆସନ୍ତା ମେ' ୧୩ ତାରିଖ ଦିନ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନ ନିମନ୍ତେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ରାଜ୍ୟରେ ନିର୍ବାଚନୀ ବିଗୁଲ୍ ବାଜିଛି। ପ୍ରଥମ ପର୍ଯ୍ୟାୟରେ ମେ' ୧୩ ତାରିଖ ଦିନ ଓଡ଼ିଶା ସୀମାନ୍ତ କୋରାପୁଟ ଜିଲ୍ଲା ଏବଂ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲାରେ ନିର୍ବାଚନ ହେବାକୁ ଯାଉଛି। ତେଣୁ ଉଭୟ ଜିଲ୍ଲା ପ୍ରଶାସନ ବିବାଦୀୟ କୋଟିଆ ପଞ୍ଚାୟତ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛନ୍ତି। ଗୁରୁବାର ପୁଣି ସୀମାନ୍ତ ଆନ୍ଧ୍ରପ୍ରଦେଶ ମାନ୍ୟମ୍ ଜିଲ୍ଲା ଆଇଟିଡିଏପିଓ ତଥା ରିଟର୍ଣ୍ଣିଂ ଅଧିକାରୀ ବିଷ୍ଣୁ ଚରଣଙ୍କ ସଭାପତିତ୍ୱରେ ସାଲୁର ତହସିଲ କାର୍ଯ୍ୟାଳୟରେ ନିର୍ବାଚନ ପରିଚାଳନା ନିମନ୍ତେ ଏକ ସମୀକ୍ଷା ବୈଠକ କରାଯାଇଛି।

ସୂଚନା ଅନୁଯାୟୀ, ଆଇଟିଡିଏପିଓ ତଥା ରିଟର୍ଣ୍ଣିଂ ଅଧିକାରୀ ବିଷ୍ଣୁ ଚରଣ ତାଙ୍କ ଅଞ୍ଚଳର ନିର୍ବାଚନ କିପରି କରାଯିବ ସେନେଇ ଆଲୋଚନା କରିବା ସହ ସାଲୁର ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ମତଦାନ କେନ୍ଦ୍ରରେ ଭୋଟର୍ ପହଞ୍ଚି ସୁରୁଖୁରୁରେ ନିଜ ମତଦାନ କିପରି ସାବ୍ୟସ୍ତ କରିପାରିବେ ସେନେଇ ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ କହିଥିବା ନେଇ ଜଣାପଡ଼ିଛି। ଓଡ଼ିଶାର କୋଟିଆ ପଞ୍ଚାୟତରେ ରହିଥିବା ୩ଟି ବୁଥରେ ମଧ୍ୟ ଭୋଟର ଯେପରି ପ୍ରଭାବିତ ନ ହୁଅନ୍ତି ସେଥିପ୍ରତି କଡ଼ା ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିବା ନେଇ ଜଣାପଡ଼ିଛି। ଓଡ଼ିଶାର କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ବୋଲି ବୁଝାଇଥିବା ନେଇ ମଧ୍ୟ ଜଣାପଡ଼ିଛି। ପ୍ରକାଶ ଥାଉକି, କିଛି ଦିନ ପୂର୍ବେ ଆନ୍ଧ୍ର ପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ ତଥା ସାଲୁର ବିଧାୟକ ବିଡିକା ରାଜନ ଦୋରା ଏକ ସାମ୍ବାଦିକ ସମ୍ମିଳନୀ କରି ଗତ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରିଜାଇଡିଂ ଅଧିକାରୀ, ଜିଲ୍ଲାପାଳ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଲେଖା ପ୍ରଦାନ କରି ସେଥିରେ ନିର୍ବାଚନ ସମୟରେ ସ୍ୱତନ୍ତ୍ର ପୁଲିସ ବାହିନୀ ପ୍ରଦାନ ନିମନ୍ତେ ନିବେଦନ କରିଥିଲେ।

## ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର

**ଉମରକୋଟ, ୧୧।୪(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ନିକଟସ୍ଥ ଦର୍ଗାଗୁଡ଼ାଠାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ୭ ନଂ ୱାର୍ଡ କୁସୁମଗୁଡାଠାରେ ଏକ ଅଣସଂକ୍ରମଣ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହାଇପର ଟେନ୍‌ସନ୍, ଡାଇବେଟିସ୍ ଏବଂ ଅନ୍ୟ ରୋଗ ଥିବା ୧୨୦ ଜଣଙ୍କ ଚିକିତ୍ସା କରାଯାଇଥିଲା। ଡା. ଉତ୍ସବ ମିଶ୍ର, ଫାର୍ମାସିଷ୍ଟ ଉତ୍ପଳ ଦେବନାଥ, ଆକାଉଟେଣ୍ଟ ଜଷ୍ଟିନ ରାଜ, ଲ୍ୟାବ ଟେକ୍ନିସିଆନ ଶୁଭାଶିଷ ପ୍ରଧାନ, ଏଏନ୍‌ଏମ୍ ସିପ୍ରା ମଲ୍ଲିକ ଆଶା, ଅଙ୍ଗନବାଡି କର୍ମୀ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

### ● ରାଜ୍ୟ କରାଟେ ପ୍ରତିଯୋଗିତା

## ପୁନିତଙ୍କୁ ସ୍ୱର୍ଣ୍ଣ, ଯୁବରାଜଙ୍କୁ ରୌପ୍ୟ ପଦକ




**ସୁନାବେଡ଼ା, ୧୧।୪(ସମିସ):** ୩୫ତମ କ୍ୟାଡେଟ, ଜୁନିୟର୍ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସବୁ ଜିଲ୍ଲାରୁ ୧୫୦ କରାଟେକା ଅଂଶଗ୍ରହଣ କରିଥିଲେ। ସୁନାବେଡ଼ା ଏଡିଏଭି ହାଇସ୍କୁଲସ୍ଥିତ ଉତ୍କଳ କରାଟେ ସ୍କୁଲରୁ ପୁନିତ ମହନ୍ତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଚନ୍ଦକା ଯୁବରାଜ ଅଂଶଗ୍ରହଣ କରି ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ପୁନିତ ଡେରାଡୁନ୍‌ଠାରେ ହେବାକୁ ଥିବା ଆସନ୍ତା ଜାତୀୟ କରାଟେରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କୋଚ୍ ମହେଶ ବରାଳ ପ୍ରକାଶ କରିଛନ୍ତି। ଉତ୍କଳ କରାଟେ ବିଦ୍ୟାଳୟର ସଭାପତି ମନୋଜ ପଟ୍ଟନାୟକ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସୂଚନା ଅଧିକାର ଆଇନ ବଳରେ ଆସିଲା ସତ୍ୟ

# ଗୋଟିଏ ତାରିଖରେ +୨ ପରୀକ୍ଷାର ଦୁଇଟି ତାଲିମ

**ମାଥିଲି, ୧୧।୪(ସମିସ)**

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀସ୍ଥିତ ଡିଗ୍ରୀ କଲେଜର ଅଧ୍ୟାପକ ନବୀନ ନାୟକ ଗତ ମାର୍ଚ୍ଚ ୧୬ ତାରିଖରେ କୁଡୁମୁଲୁଗୁମ୍ମା ଡିଗ୍ରୀ କଲେଜରେ ହୋଇଥିବା ସାଧାରଣ ନିର୍ବାଚନ ନିମନ୍ତେ ପୋଲିଙ୍ଗ ଅଧିକାରୀ ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ରହି କୌଶଳକ୍ରମେ ଉପସ୍ଥିତ ଥିବା ଦର୍ଶାଇଥିବା ବେଳେ ସେହିଦିନ ସେ କୁଡୁମୁଲୁଗୁମ୍ମା +୨ କଲେଜରେ ପରୀକ୍ଷା ନିରୀକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ଜଣାପଡ଼ିଛି। ମାର୍ଚ୍ଚ ୧୬ ତାରିଖରେ ଚଳିତ ସାଧାରଣ ନିର୍ବାଚନ ପୋଲିଙ୍ଗ ଅଧିକାରୀ ପାଇଁ ପ୍ରଶିକ୍ଷଣ ଶିବିର ହୋଇଥିବା ବେଳେ ଏଥିରେ ଶ୍ରୀ ନାୟକ ଅନୁପସ୍ଥିତ ରହିଥିଲେ। ଗୁପ୍ତ ଭାବରେ ଚଞ୍ଚକତା କରି ସେ ଦସ୍ତଖତ କରିଛନ୍ତି। ଅତି ଚଞ୍ଚକତା କରି ଦୁଇଟା ସରକାରୀ କାର୍ଯ୍ୟ, ପରୀକ୍ଷାରେ ନିରୀକ୍ଷକ ଦାୟିତ୍ୱ ଗ୍ରହଣ ସହ ପୁଲିଂ ଅଧିକାରୀ ତାଲିମ ନିମନ୍ତେ ଉପସ୍ଥିତ ଥିବା ନେଇ ବେଆଇନ କାର୍ଯ୍ୟ କରିଛନ୍ତି ବୋଲି ଏବେ ସୂଚନା ଅଧିକାର ବଳରେ ଜଣାପଡ଼ିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଥିଲା ଯେ ଯେଉଁ କର୍ମଚାରୀମାନେ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ୧୬ ତାରିଖ ପରିବର୍ତ୍ତେ ମାର୍ଚ୍ଚ ୧୭ ତାରିଖ ଅର୍ଥାତ ରବିବାର ଦିନ ପ୍ରଶିକ୍ଷଣ ନେଇପାରିବେ। ଅଧ୍ୟାପକ ଜଣକ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ୧୭ ତାରିଖ ରବିବାର ପ୍ରଶିକ୍ଷଣ ନନେଇ ସେହି ଗୋଟିଏ ବା ୧୬ ତାରିଖ ଗୋଟିଏ ଦିନରେ ଦୁଇଟା ସରକାରୀ କାର୍ଯ୍ୟ କରି ନିର୍ବାଚନ ତାଲିମ କାର୍ଯ୍ୟରେ ଅବହେଳା ଓ ଜାଲିଆତି କରିଥିବା ଜଣାପଡ଼ିଛି। ପୂର୍ବତନ ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଧ୍ୟକ୍ଷ ତ୍ରୈଲୋକ୍ୟ ନାଥ ସାହୁ ସୂଚନା ଅଧିକାର ଆଇନ ବଳରେ ଏହି ସୂଚନା ପାଇଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏନେଇ ଖଇରପୁଟ ବିଡିଓଙ୍କ ନିକଟରେ ଅଭିଯୋଗ ପରେ ପରୀକ୍ଷା କାର୍ଯ୍ୟ ରେକର୍ଡ ପତ୍ର ଓ ନିର୍ବାଚନ ପ୍ରଶିକ୍ଷଣର ଉପସ୍ଥାନ ଖାତାର ଯାଞ୍ଚ କରି ଅଭିଯୋଗ ସତ୍ୟ ବୋଲି ଜାଣିପାରିଛନ୍ତି। ନିର୍ବାଚନ ଆରମ୍ଭରୁ ଯଦି ଏପରି ଜାଲିଆତି କାର୍ଯ୍ୟ କରାଯାଏ ତେବେ ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛ ନିର୍ବାଚନ କିପରି ହୋଇପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରି ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ବିଷୟରେ ଅଭିଯୋଗ ପାଇଲା ପରେ ରାଜ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ତାଙ୍କର ଚିଠି ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି।

ପ୍ରକାଶ ଥାଉକି ପୂର୍ବତନ ଉପଜିଲ୍ଲାପାଳ ଉକ୍ତ ଅଧ୍ୟାପକ ଜଣଙ୍କୁ କଲେଜର ଆର୍ଥିକ ଅନିୟମିତତା ବାବଦରେ ଅଧ୍ୟକ୍ଷ ପଦରୁ ହଟାଇ ଦେଇଥିଲେ। ବାରମ୍ବାର ଅଧ୍ୟାପକ ଜଣକ ଅଭ୍ୟାସଗତ ଭାବେ ଏପରି ଦୁର୍ନୀତି କରି ଆସୁଛନ୍ତି ବୋଲି ଜଣାପଡ଼ିଛି। ସେ ମଧ୍ୟ କଲେଜ ପରିଚାଳନା ସମିତି ସଭାପତିଙ୍କୁ କୁମନ୍ତ୍ରଣା ଦେଇ ଜଣେ ଅଧ୍ୟକ୍ଷଙ୍କୁ ବେଆଇନ ଭାବେ ସାତ ଥର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ଓ ତାଙ୍କର ନିର୍ବାଚନ କାର୍ଯ୍ୟକୁ ବାତିଲ କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ସଚେତନ ନାଗରିକ ସମାଜ ଦାବି କରିଛନ୍ତି।

